୬ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଲେ କମଲଜିତ୍-ସୁରୁଚି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୩୭ ● ୨୬ ସେପ୍ଟେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-237 ● 26th September 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ଗଭୀର ଅବପାତର ପ୍ରଭାବ : ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି

# ବର୍ଷା ବିପ୍ରାତରେ ଭୂସ୍ଖଳନ : ଘାଟି ଅଞ୍ଚଳରୁ ମାଟି ଅତଡା ଖସି ରାସ୍ତା ଅବରୋଧ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ଗଭୀର ଅବପାତ ପ୍ରଭାବରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଲଗାଣ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପାହାଡ଼ରୁ ଖସୁଥିବା ବଡ ବଡ ପଥର ଖଣ୍ଡ ଓ ମାଟି ଚଟାଣ ଯୋଗୁଁ ଜାତୀୟ ରାଜପଥ ଅବରୋଧ ହୋଇଛି ଏବଂ ରେଳଧାରଣା ଉପରେ ମାଟି କାଦୁଅ ମାଡିଯାଇଛି। ଯାହାଫଳରେ ଯାତାୟାତ ଠପ୍ ହୋଇଯାଇଛି। ଲଗାତ ବର୍ଷା ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି ଏବଂ ଶହ ଶହ ଏକର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ଅନେକ ଅଞ୍ଚଳରେ ଲୋକଙ୍କ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।

କୋରାପୁଟ–ରାୟଗଡ଼ା ଓ କୋରାପୁଟ–ଜୟପୁର ରେଳ ସେକ୍ସନରେ ପାହାଡ଼ରୁ ମାଟି ଅତଡା ଖସି ଟ୍ରାକ୍ ଅବରୋଧ ହେବାପରେ ପୂର୍ବତଟ ରେଳପଥ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି।



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏନଡିଆରଏଫର ଗୋଟିଏ ଟିମ୍ ସହ ଓଡ୍ରାଫର ୩୩ଟି ଟିମ୍ ଏବେ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଶନିବାର ପର୍ଯ୍ୟନ୍ତ ୮ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ‘ଅରେଞ୍ଜ ୱାର୍ଣ୍ଣିଂ’ ଜାରି କରାଯାଇଛି।

ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଏହି ଅବପାତ ଘଣ୍ଟାପ୍ରତି ୧୩ କିମି ବେଗରେ ଉତ୍ତର ଓ ଉତ୍ତରପଶ୍ଚିମ ଦିଗକୁ ଗତି କରି ଏବେ ଉତ୍ତର ଛତିଶଗଡ଼ର ବିଳାସପୁର ନିକଟରେ କେନ୍ଦ୍ରୀଭୂତ ହୋଇଛି। ଯାହା ଉପରେ ସମ୍ବଲପୁର ଓ ରାୟପୁର ଡପଲର ରାଡାର ଜରିଆରେ ନଜର ରଖାଯାଇଛି। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଅବପାତ ନିଜର ଶକ୍ତି ବଜାୟ ରଖି ଦକ୍ଷିଣପୂର୍ବ ଉତ୍ତରପ୍ରଦେଶ ଓ ଉତ୍ତରପୂର୍ବ ମଧ୍ୟପ୍ରଦେଶ ଆଡ଼କୁ ଅଗ୍ରସର ହେବ ଏବଂ ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ କ୍ରମଶଃ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ।

ତେବେ ଏହି ଅବପାତ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ରେକର୍ଡ ପରିମାଣର ବର୍ଷା *(ପୃଷ୍ଠା ୭ରେ)*

## ୨୪ ଘଣ୍ଟା ସତର୍କ ରହିବାକୁ ହେବ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ଗଭୀର ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ବିପ୍ରାତ ଜାରି ରହିଥିବାରୁ ଆଉ ୨୪ ଘଣ୍ଟା ସତର୍କ ରହିବାକୁ ପଡ଼ିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଅବପାତ ବରଗଡ଼ ଦେଇ ଛତିଶଗଡ଼ ଆଡ଼କୁ ଗତି କରୁଛି। ଏହି ସମୟରେ ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ତେଣୁ ଆସନ୍ତା ୨୪ ଘଣ୍ଟା ଓଡ଼ିଶା ପାଇଁ ସତର୍କ ରହିବାର ସମୟ। ଶନିବାରକୁ ସ୍ଥିତି ସ୍ୱାଭାବିକ ଆଡ଼କୁ ଗତି କରିବ। ବୈତରଣୀ ଓ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଭଦ୍ରକ ଆଖୁଆପଦାରେ *(ପୃଷ୍ଠା ୭ରେ)*

## ବିରୋଧୀଙ୍କ ନାରାବାଜି ଜନିତ ହଟ୍ଟଗୋଳ ଜାରି : କ୍ରମାଗତ ୪ର୍ଥ ଦିନ ପାଇଁ ଗୃହ ଅଚଳ

# ସୋମବାର ଯାଏଁ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ବିରୋଧି ଦଳର ନାରାବାଜି ଜନିତ ହଟ୍ଟଗୋଳ କାରଣରୁ କ୍ରମାଗତ ଚତୁର୍ଥ ଦିନ ପାଇଁ ଶୁକ୍ରବାର ବିଧାନସଭା ଗୃହ କାର୍ଯ୍ୟ ଅଚଳ ହୋଇପଡ଼ିଥିଲା। ବୈଠକ ଆରମ୍ଭରୁ ବିରୋଧି ଦଳ ଉଭୟ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ପୋଷ୍ଟର ପ୍ରଦର୍ଶନ ସହ ଉଚ୍ଚ ସ୍ୱରରେ ସରକାରୀ ବିରୋଧି ଧ୍ୱନୀ ଦେବା ସଙ୍ଗେ ସଙ୍ଗେ ପୋଡିୟମ୍‌କୁ ବାଡ଼େଇବାରୁ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ ମଧ୍ୟରେ ନିର୍ଦ୍ଧାରିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବାକୁ ଉଦ୍ୟମ କରିଥିଲେ। ତେବେ ବିରୋଧିଦଳର ବିଧାୟକମାନେ ତୁମୁଳ ହଟ୍ଟଗୋଳ ଓ ନାରାବାଜି ଜାରି ରଖିବାରୁ ତାହା ସମ୍ଭବ ହୋଇନଥିଲା। ଉପବାଚସ୍ପତି ଶ୍ରୀ ଭୋଇ ବାଧ ହୋଇ ଗୃହର ବୈଠକକୁ ମାତ୍ର ୪ ମିନିଟ୍ ପରେ ଅର୍ଥାତ୍ ଘ.୧୦.୩୪ମିନିଟ୍‌ରେ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଦେଇଥିଲେ। ପ୍ରଥମାର୍ଦ୍ଧ ବୈଠକରେ ଏଥିଯୋଗୁଁ ପ୍ରଶ୍ନୋତ୍ତର ସମେତ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରିନଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ ବିରୋଧି ଦଳର ବିଧାୟକମାନେ ପୂର୍ବଭଳି ସେମାନଙ୍କ ଦାବିରେ ଅଟଳ ରହି ନାରାବାଜି ଜାରି ରଖିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତେବେ ଉପବାଚସ୍ପତି ଶ୍ରୀ ଭୋଇ ଗୃହ ପରିଚାଳନାରେ ସହଯୋଗ ପାଇଁ ସମସ୍ତଙ୍କୁ ନିବେଦନ କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ ଏବଂ ଏଥିପାଇଁ ଗୃହକୁ ଏକାଧିକବାର ମୁଲତବୀ ଘୋଷଣା କରିବାକୁ ପଡ଼ିଥିଲା।



ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ତଥା ଚଳିତ ମୌସୁମୀ ଅଧିବେଶନର ଶୁକ୍ରବାର ଚତୁର୍ଥ କାର୍ଯ୍ୟଦିବସ ପୂର୍ବାହ୍ନ ଘ.୧୦.୩୦ମିନିଟ୍‌ରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରୁ ଆରମ୍ଭ କରିଥିଲେ। ହଠାତ୍ ଏହି ସମୟରେ ବିରୋଧି ଦଳର ବିଧାୟକମାନେ ଗୃହ ମଝିକୁ ଧସେଇ ପସି ଆସିଥିଲେ ଏବଂ ସରକାରୀ ବିରୋଧି ସ୍ଲୋଗାନ ଦେଇଥିଲେ। ବିଜେଡ଼ି ବିଧାୟକମାନେ ସ୍କୁଲ୍ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେବା ସହ ପୋଷ୍ଟର ପ୍ରଦର୍ଶନ କରିଥିବା ବେଳେ କଂଗ୍ରେସ ବିଧାୟକମାନେ ଏମ୍.ଏମ୍.ଡି.ଆର ଆକ୍ଟ ରଦ୍ଦ କରିବା ଦାବିରେ ନାରାବାଜି କରିଥିଲେ। ଏହାରି ମଧ୍ୟରେ ଉପବାଚସ୍ପତି ଶ୍ରୀ ଭୋଇ ଦୁଇଟି ପ୍ରଶ୍ନର ଆଲୋଚନା ପାଇଁ ସୁଯୋଗ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଜେପି ବିଧାୟକ ଯଥାକ୍ରମେ ଡ. ଫକୀର *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଆସନ୍ତା ୩୦ରେ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରା।
- ଅକ୍ଟୋବର ସୁଦ୍ଧା ମିଳିବ ବକେୟା ଭତ୍ତା।
- ଆମେରିକୀୟ ନାଗରିକଙ୍କ ଉପରେ ୭.୨୧ ନିୟୁତ ସାଇବର ଠକେଇର ମୁଖ୍ୟ ଅଭିଯୁକ୍ତ ଗିରଫ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଅ ଦେଶର ରାଷ୍ଟ୍ରଦୂତଙ୍କ ପରିଚୟପତ୍ର କଲେ ଗ୍ରହଣ।
- ମୁମ୍ବାଇରେ ‘ଗଣପତି ବାପ୍ପା ମୋରୟା’ର ଜୟକାର ସହ ଗଣେଶ ବିସର୍ଜନ ଆରମ୍ଭ।
- ୟୁପି ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀର ସୁରକ୍ଷା ଦାୟିତ୍ୱରେ ୪ ହଜାର ପୋଲିସ।
- ଅକ୍ଟୋବର ମାସରୁ ଡିଡିୟୁ-ଜିକେୱାଇ ୨.୦ ଅଧୀନରେ ୭୦ ହଜାର ଗ୍ରାମୀଣ ଯୁବକମାନଙ୍କୁ ଦକ୍ଷତା ତାଲିମ।
- ସିକିମରେ ପ୍ରବଳ ବର୍ଷା, ରିମ୍ବି ଗ୍ରାମରେ ଭୂସ୍ଖଳନ, ଅନେକ ପରିବାର ପ୍ରଭାବିତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୮୪ (+୧୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୧୦ (+୧୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୬୩ (+୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ପ୍ୟାକ୍ସ ଓ ଲ୍ୟାମ୍ପ୍ସର ମେଗା ମେମ୍ବରସିପ୍ ଡ୍ରାଇଭ୍ ‘ସମ୍ବନ୍ଧ’ର ଶୁଭାରମ୍ଭ

# ଉପକୃତ ହେବେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ



**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସର ଚାଷୀ–ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ।

‘ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା ବୋଲି ଶୁକ୍ରବାର ପ୍ୟାକ୍ସ ଓ ଲ୍ୟାମ୍ପ୍ସର ମେଗା ମେମ୍ବରସିପ୍ ଡ୍ରାଇଭ୍ ‘ସମ୍ବନ୍ଧ’ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି *(ପୃଷ୍ଠା ୭ରେ)*

## ଉତ୍ତର ପ୍ରଦେଶରେ ତିଆରି ବ୍ରହ୍ମୋସ ପାକିସ୍ତାନର ନିଦ ଉଡ଼ାଉଛି: ଅମିତ ଶାହ

**ନୋଏଡା, ୨୫।୯**

ଉତ୍ତର ପ୍ରଦେଶରେ ନିର୍ମାଣ ହେଉଥିବା ‘ବ୍ରାହ୍ମୋସ’ ସୁପରସୋନିକ୍ କ୍ରୁଜ୍ ମିସାଇଲ୍ ପାକିସ୍ତାନର ନିଦ ହଜାଇ ଦେଇଛି ବୋଲି ଶୁକ୍ରବାର ଗୃହମନ୍ତ୍ରୀ ଅମିତ ଶାହ ପ୍ରକାଶ କରିଛନ୍ତି। ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋ ସେଣ୍ଟର ଏବଂ ମାର୍ଟଠାରେ ଉତ୍ତର ପ୍ରଦେଶ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଚତୁର୍ଥ ସଂସ୍କରଣକୁ ଉଦଘାଟନ କରିବା ଅବସରରେ ସେ ରାଜ୍ୟରେ ବୃଦ୍ଧି ପାଉଥିବା ପ୍ରତିରକ୍ଷା ଉତ୍ପାଦନ କ୍ଷମତା ଓ ନିବେଶ ଅନୁକୂଳ ପରିବେଶକୁ ପ୍ରଶଂସା କରିଛନ୍ତି। ଉତ୍ତର ପ୍ରଦେଶ *(ପୃଷ୍ଠା ୭ରେ)*

## ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେଲେ ଶର୍ବଣା ବିବେକ ଏମ୍



**ଭୁବନେଶ୍ୱର, ୨୫।୯ : ନ୍ୟୁଜ୍ ବ୍ୟୁରୋ**

ଆଇପିଏସ୍ ଅଧିକାରୀ ଶର୍ବଣା ବିବେକ ଏମ୍ ଶୁକ୍ରବାର ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ସମସ୍ତଙ୍କୁ ନେଇ ଗୋଟିଏ *(ପୃଷ୍ଠା ୭ରେ)*




# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କଲେ ନବୀନ

**ଭୁବନେଶ୍ୱର, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ କମିଶନ ଏବଂ ଭୋଟର ତାଲିକାର ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି। ନିର୍ବାଚନ କମିଶନରମାନଙ୍କ ମଧ୍ୟରେ ମତଭେଦ ରହିଥିବା ଖବରକୁ ଉଲ୍ଲେଖ କରି ନବୀନ କହିଛନ୍ତି , ସମ୍ପୂର୍ଣ୍ଣ



ଏସଆଇଆର ପ୍ରକ୍ରିୟାର ପୁନଃସମୀକ୍ଷା କରାଯିବା ଆବଶ୍ୟକ।

ଗଣମାଧ୍ୟମକୁ ନବୀନ ପଟ୍ଟନାୟକ କହିଛନ୍ତି , ନିର୍ବାଚନ କମିଶନରମାନଙ୍କ ମଧ୍ୟରେ ଗଭୀର ମତଭେଦ ଥିବାରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଇସ୍ତଫା ଦେବା ଉଚିତ୍। ସେହିପରି ସମ୍ପୂର୍ଣ୍ଣ ଏସ୍‌ଆଇଆର ପ୍ରକ୍ରିୟାକୁ ଭଲ ଭାବରେ ସମୀକ୍ଷା କରି ପୁନଃବିଚାର କରିବା ଦରକାର ବୋଲି ସେ କହିଛନ୍ତି। *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଉତ୍ତରଗୁଡା ଚକଚକ ପୂରା
ମାଜିମୁଜି ଛାଣିଛୁଣି
ପ୍ରକାଶିତ ହୋଇ ବଣ୍ଟା ହୋଇଗଲା
କେହିନପାରିଲେ ଜାଣି
ଯେତେ ସବୁ ଜ୍ଞାନୀ ଗୁଣି
ପଛରେ ପଡନ୍ତି ୟାଙ୍କର ସବୁ
ପ୍ରବଚନ ଗୁଡା ଶୁଣି ।

# ‘ଅଶାନ୍ତ ଅଞ୍ଚଳ’ ଘୋଷିତ ହେଲା ମଣିପୁର



**ଇମ୍ଫାଲ, ୨୫।୯**

ମଣିପୁରରେ ପୁଣି ବଳବତ୍ତର ରହିଲା ଆଫସା। ୧୩ଟି ଥାନା ଅଞ୍ଚଳକୁ ଛାଡ଼ି ସମଗ୍ର ରାଜ୍ୟକୁ ‘ଅଶାନ୍ତ ଅଞ୍ଚଳ’ ଘୋଷଣା କଲା କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ମଣିପୁରରେ ଆଇନଶୃଙ୍ଖଳା ଓ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏମ୍‌ଏଚ୍‌ଏ ଏକ ବଡ଼ ନିଷ୍ପତ୍ତି ନେଇଛି। ସଶସ୍ତ୍ର ବାହିନୀ ବିଶେଷ କ୍ଷମତା ଆଇନ, ୧୯୫୮ର ଧାରା ୩ ଅନୁଯାୟୀ, ୧୩ଟି ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳକୁ ବାଦ୍ ଦେଇ ସମଗ୍ର ରାଜ୍ୟକୁ ‘ଅଶାନ୍ତ ଅଞ୍ଚଳ’ ଭାବେ ଘୋଷଣା କରାଯାଇଛି। ଏହି ନିର୍ଦ୍ଦେଶନାମା ଅକ୍ଟୋବର ୧, ୨୦୨୬ରୁ ଲାଗୁ ହୋଇ ଆଗାମୀ ୬ ମାସ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ଗୁଇନ୍ଦା ରିପୋର୍ଟକୁ ସମୀକ୍ଷା କରିବା ପରେ କେନ୍ଦ୍ର ସରକାର ଅକ୍ଟୋବର ୧ରୁ ଏହି ନିଷ୍ପତ୍ତିକୁ ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ଇମ୍ଫାଲ, ସିଙ୍ଗଜାମେଇ, ପାଟସୋଇ, ୱାଙ୍ଗୋଇ, ପୋରୋମପାଟ, ହେଇଙ୍ଗାଙ୍ଗ, ଇରିଲବଙ୍ଗ, ଥୌବାଲ, ବିଷ୍ଣୁପୁର, ନାମବୋଲ ଏବଂ କାକଚିଙ୍ଗ୍ ଭଳି ୧୩ଟି ଥାନା ଅଞ୍ଚଳକୁ ଏହି ବିଜ୍ଞପ୍ତିରୁ ବାଦ୍ ଦିଆଯାଇଛି। ୧୩ଟି ଥାନାକୁ ଛାଡ଼ି ପାହାଡ଼ିଆ ଜିଲ୍ଲା *(ପୃଷ୍ଠା ୭ରେ)*

# ୪୮ ଘଣ୍ଟାରୁ ଅଧିକ ଜେଲ୍‌ରେ ରହିବା ପରେ ସୁଜିତ ରାଉଳ ନିଲମ୍ବିତ

**କଟକ, ୨୫।୯**
**ନ୍ୟୁଜ୍ ବ୍ୟୁରୋ**

୪୮ ଘଣ୍ଟାରୁ ଅଧିକ ସମୟ ବିଚାରବିଭାଗୀୟ ହେପାଜତରେ ରହିଥିବାରୁ ଚୌଦ୍ୱାର ସର୍କଲ୍ ଜେଲର ସିନିୟର ସୁପରିଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କୁ ଓଡ଼ିଶା ସରକାର ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ନିଲମ୍ବନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଚୌଦ୍ୱାର ସର୍କଲ୍ ଜେଲ୍‌ରେ ଗତବର୍ଷ ଘଟିଥିବା ଦୁଇ ଅଣ୍ଡରଟ୍ରାଏଲ୍ କଏଦୀଙ୍କ ଫେରାର ଘଟଣା ସହ ଜଡ଼ିତ ଏକ ମାମଲାରେ ରାଉଳଙ୍କୁ ଗିରଫ କରାଯାଇଥିଲା। ଜେଲର ମିନିଟ୍ ବୁକ୍ ଓ ଅନ୍ୟାନ୍ୟ ରେକର୍ଡରେ ହେରଫେର ସହ ପୂର୍ବତନ ଜେଲରଙ୍କ ଦସ୍ତଖତ ଜାଲିଆତି ଅଭିଯୋଗ ମଧ୍ୟ ତାଙ୍କ ବିରୋଧରେ ରହିଛି। ଏହି ମାମଲାରେ ଚୌଦ୍ୱାର ଜେଲର ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଅଭିଯୋଗ କରିଥିଲେ। ୨୦୨୫ ଅକ୍ଟୋବର ୨ରେ ଦୁଇ ଅଣ୍ଡରଟ୍ରାଏଲ୍ କଏଦୀ ଜେଲରୁ ଫେରାର ହେବା ପରେ ଜେଲ୍ ରେକର୍ଡରେ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ରାଉଳ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ପୂର୍ବତନ ଜେଲରଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଅଗଷ୍ଟ ୨୯ରେ ଓଡ଼ିଶା ହାଇକୋର୍ଟ ରାଉଳଙ୍କ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା



# ଭେଜ୍, ନନ୍‌ଭେଜ୍ ଜାଣିବା ପାଇଁ ବଦଳିଲା ଲେବଲିଂ ନିୟମ

ବଜାରରୁ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଯେପରିକି ସାବୁନ୍, ସାମ୍ପୁ, ଟୁଥ୍‌ପେଷ୍ଟ ଏବଂ ପ୍ରସାଧନ ସାମଗ୍ରୀ କିଣୁଥିବେ। କେବେ ଚିନ୍ତା କରିଛନ୍ତି ଏହା 'ଭେଜ୍' ନା 'ନନ୍-ଭେଜ୍' ? କେନ୍ଦ୍ର ସରକାର ଏହିସବୁ ସାମଗ୍ରୀର ପ୍ୟାକେଜିଂ ପାଇଁ କଲର୍ କୋଡିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି । ଏନେଇ ସରକାର ନିୟମରେ ବ୍ୟାପକ ପରିବର୍ତ୍ତନ କରିବା ସହ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି କରିଛନ୍ତି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର 'ଲିଗାଲ୍ ମେଟ୍ରୋଲୋଜି ରୁଲ୍ସ, ୨୦୧୧' ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଆଣିଛନ୍ତି । ନୂତନ ନିୟମ ଅନୁଯାୟୀ, ଉତ୍ପାଦର ପ୍ୟାକେଜର ମୁଖ୍ୟ ଡିସପ୍ଲେ ପ୍ୟାନେଲର ସବୁଠାରୁ ଉପର ଭାଗରେ ଏହି ଚିହ୍ନ ରହିବା ବାଧ୍ୟତାମୂଳକ କରାଯାଇଛି, ଯାହାଦ୍ୱାରା ଦୋକାନରୁ କିଣିବା ମାତ୍ରେ ଗ୍ରାହକମାନେ ଏହାକୁ ସହଜରେ ଦେଖିପାରିବେ । ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ନିୟମଗୁଡ଼ିକ ଗତ ସୋମବାରଠାରୁ କାର୍ଯ୍ୟକାରୀ ହୋଇସାରିଛି। ଏହି ନୂତନ ପରିବର୍ତ୍ତନରେ ମୁଖ୍ୟତଃ ଗାଧୋଇବା ସାବୁନ ଏବଂ ଲଣ୍ଡ୍ରି ସାବୁନ, କେଶ ଧୋଇବା ଶାମ୍ପୁ ଏବଂ ହେୟାର ଅଏଲ୍, ଦାନ୍ତ ଘଷିବା ଟୁଥ୍‌ପେଷ୍ଟ ଓ ବିଭିନ୍ନ ପ୍ରକାରର କସ୍ମେଟିକ୍ସ ଏବଂ ବାଥରୁମ୍ ସଫା କରିବା ସାମଗ୍ରୀ ଅନ୍ତର୍ଭୁକ୍ତ । ସରକାରଙ୍କ ଏହି ପଦକ୍ଷେପ ପରେ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ସେମାନଙ୍କର ପୁରୁଣା ପ୍ୟାକେଜିଂରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଆଗାମୀ ଦିନରେ ବଜାରକୁ ଆସୁଥିବା ନୂତନ ସାମଗ୍ରୀଗୁଡ଼ିକର ପ୍ୟାକେଟରେ ହିଁ ଏହି ସୂଚନା ସ୍ପଷ୍ଟ ଭାବେ ମିଳିପାରିବ । ବଜାର ବିଶ୍ଳେଷକଙ୍କ ମତରେ, ଆରମ୍ଭରେ କମ୍ପାନୀଗୁଡ଼ିକୁ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ ଦୀର୍ଘକାଳୀନ ଭାବରେ ଏହା ଗ୍ରାହକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ । ପୂର୍ବରୁ ଗ୍ରାହକମାନଙ୍କୁ କୌଣସି ପ୍ରସାଧନ କିମ୍ବା ପର୍ସନାଲ କେୟାର ପ୍ରଡକ୍ଟ କିଣିବା ସମୟରେ ସେଥିରେ ବ୍ୟବହୃତ ଉପାଦାନଗୁଡ଼ିକର ଲମ୍ବା ତାଲିକା ଏବଂ ଅତି ଛୋଟ ଅକ୍ଷରରେ ଲେଖାଯାଇଥିବା ବିବରଣୀକୁ ପଢ଼ିବାକୁ ପଡୁଥିଲା । ଏହି ଜଟିଳତାକୁ ଦୂର କରିବା ଏବଂ କିଣାକିଣି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ତଥା ସ୍ପଷ୍ଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ବଜାରରୁ ସାବୁନ୍, ଶାମ୍ପୁ କିମ୍ବା ଟୁଥ୍‌ପେଷ୍ଟ କିଣିବା ସମୟରେ ବର୍ତ୍ତମାନ ଗ୍ରାହକମାନେ ପ୍ୟାକେଟର ମୁଖ୍ୟ ପ୍ରଦର୍ଶନ ପ୍ୟାନେଲର ଉପର ଭାଗକୁ ନିଶ୍ଚିତ ଭାବେ ଦେଖିବା ଉଚିତ୍ । ସେଠାରେ ରହିଥିବା ସବୁଜ ରଙ୍ଗର ସଙ୍କେତ ପ୍ରଡକ୍ଟଟି 'ଭେଜ୍' ହୋଇଥିବାବେଳେ, ଲାଲ୍ କିମ୍ବା ମାଟିଆ ରଙ୍ଗର ସଙ୍କେତ 'ନନ୍‌ଭେଜ୍' ହୋଇଥିବାର ସୂଚନା ପ୍ରଦାନ କରିବ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଚିନ୍ତା ଚିତା

ଶ୍ରଦ୍ଧେୟ ଭକ୍ତବୃନ୍ଦ କଥାରେ ଅଛି "ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" ତେଣୁ ହେ ଭକ୍ତ ଏହି ଚିତା ଜିବକୁ ଏକା ଥରକେ ପୋଡି ଜାଳି ପାଉଁଶ କରି ଦେଇଥାଏ । ସକଳ ଚିନ୍ତାକୁ ସେ ଏକାଥରକେ ଭସ୍ମୀଭୂତ କରିଦେଇଥାଏ । କିନ୍ତୁ ଏହି ଚିନ୍ତା ମାନବକୁ ପ୍ରତି ମୂହୁର୍ତ୍ତରେ ମୃହୁ ମୃହୁ କରି ପୋଡି ଚାଲିଥାଏ । ନ ମରିକି ବି ସେ ପ୍ରତି ମୂହୁର୍ତ୍ତରେ ମରୁଥାଏ। ଏବଂ ପୋଡୁଥାଏ । ଏହା ହେଉଛି ଜୀବ ଜଗତରେ ସ୍ୱାଭାବିକ ଗତି କିନ୍ତୁ ଭକ୍ତ ଏଇ ଦୁଇଟିର ଉର୍ଦ୍ଧରେ ଥାଏ । ସେ ଦୁଇଟି ହେଲା (ଚିନ୍ତା ଓ ଚିତା)ସେତ ଅଚିନ୍ତାକୁ ଧ୍ୟାନ ରଖିଥାଏ। ତାକୁ ଏ ଚିନ୍ତା ଚିତାରୁ କଣ ମିଳିବ । ତେଣୁ ହେ ଭକ୍ତ ହେ ଶିଷ୍ୟ ଥରେ ସେ ଅଚିନ୍ତ୍ୟ ପଦ୍ମପାଦରେ ଶରଣ ନେଇ ସାରିଲା ପରେ ସେହି ଅଭୟ ପଦ୍ମ ପାଦକୁ ଜାବୁଡି ଧରି ପଛକୁ ଅନାଇଲେ ଭୟଙ୍କର ପଶ୍ଚାତପତ ହେବାକୁ ପଡିବ । ଭୟ ପୁଣି ତୁମକୁ ବାରମ୍ବାର ଭୟଭୀତ କରାଇବ । ତେଣୁ ବାଳକେ ମୋର ବୋଲ କର ବେଳହୁଁ ଗୋବିନ୍ଦ ସୁମର, ତେଣୁ ଏ ସଂସାରରେ ମୋହମାୟାର ଜାଲରେ ଛନ୍ଦି ନ ହୋଇ ପରମପିତା ପଂରବ୍ରହ୍ମ ଶରଣରେ ରୁହ, ନିଷ୍ଠାର ସହିତ ପ୍ରଭୁଙ୍କ କାର୍ଯ୍ୟ କର । ପ୍ରତିଭା କୁ ଜାଗ୍ରତ କର କିନ୍ତୁ ପ୍ରତିଷ୍ଠାକୁ ନୁହେଁ। କାରଣ ପ୍ରତିଷ୍ଠା ହେଉଛି ଶୁକରୀ ବିଷ୍ଠା ସଦୃଶ । ତେଣୁ ହେ ଭକ୍ତ ଚିନ୍ତା ଓ ଚିତାକୁ ଛାଡି ଚୈତନ୍ୟକୁ ଜାଗ୍ରତ କରି ଚିନ୍ତା ଓ ଚିତା ଗଣ୍ଡିରୁ ବାହାରି ଆସି ମୃତ୍ୟୁ ମା ଅମୃତ ଗମୟଃ ରାସ୍ତାରେ ମାତିଚାଲ ତମେସୌ ମା ଜ୍ୟୋତିର୍ଗମୟ ଆଲୋକରେ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ଭକ୍ତର କର୍ତ୍ତବ୍ୟ, ନଚେତ୍ ଭ୍ରମରେ ପଡି ଉବୁଟୁବୁ ହେଉଥିବ ।

# ଭାଗବତ ଜନ୍ମ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫



ଭାଦ୍ରବ ମାସର ମାହାତ୍ମ୍ୟ ଅନନ୍ୟ ଓ ଅନୁପମ । ହିନ୍ଦୁ ବର୍ଷ ଗଣନା ଅନୁଯାୟୀ ଏହା ଷଷ୍ଠମାସର ମାନ୍ୟତା ପାଇଛି । ଓଡିଶା ପରିପ୍ରେକ୍ଷୀରେ ଏହି ମାସର ଗୁରୁତ୍ୱ ସର୍ବାଧିକ ରହିଛି। ଏହା ସ୍ପଷ୍ଟ ବାରି ହୋଇପଡେ। ଭାଦ୍ରବ ମାସରେ ଅନେକ ଓଷା, ବ୍ରତ, ଉପାସନା ଓ ଆରାଧନା, ଧାର୍ମିକ ବ୍ୟବସ୍ଥା ଓଡିଆ ଜନ ଜୀବନକୁ ଗଭୀର ଭାବରେ ପ୍ରଭାବିତ ଓ ଅନୁପ୍ରେରିତ କରିଥାଏ । ବିଶେଷ କରି ଗ୍ରାମ୍ୟ ସଂସ୍କୃତ ଏହି ମାସରେ ହୁଏ ଉତ୍ସବ ମୁଖର ଓ ଚଳଚଞ୍ଚଳ । ଓଡିଆ ଜାତିର ସାଂସ୍କୃତିକ ବିଭବକୁ ଗୌରବାନ୍ୱିତ ଓ ମହିମା ବିମଣ୍ଡିତ କରିବାରେ ଭାଦ୍ରବ ମାସର ଯଥେଷ୍ଟ ଭୂମିକା ରହିଛି । ଏଥିରେ କୌଣସି ଦ୍ୱିମତ ନାହିଁ । ସାମାଜିକ ସାଂସ୍କୃତିକ ତଥା ଅତୀତ ବାଣିଜ୍ୟ ସ୍ମୃତିର ସୁନ୍ଦର ନିଦର୍ଶନ ଖୁଦୁରୁକୁଣୀ ଓଷା କୁମାରୀମାନେ ଭାଦ୍ରବ ମାସର ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ମା ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପାଳନ କରନ୍ତି। ବିବାହିତା ନାରୀମାନେ ପରିବାର ତଥା ସନ୍ତାନ ମାନଙ୍କର ଶୁଭ ମନାସୀ ଭାଦ୍ରବ ମାସର ପ୍ରତ୍ୟେକ ବୁଧବାର ସନ୍ଧ୍ୟାରେ ବୁଧେଇ ଓଷା ପାଳନ କରିଥାନ୍ତି । ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଭାଦ୍ରବ ମାସର ଅନ୍ୟତମ ଆକର୍ଷଣ । ଭାଦ୍ରବ ଶୁକ୍ଳ ତୃତୀୟ ବାଲି ତୃତୀୟା ବ୍ରତ, ଭାଦ୍ରବ ଶୁକ୍ଳ ଚତୁର୍ଥୀ ଅଗ୍ରପୂଜ୍ୟ, ବିଘ୍ନ ବିନାଶକ ଶ୍ରୀ ଗଣେଶ ମହାପ୍ରଭୁଙ୍କର ଗଣେଶ ମହୋତ୍ସବ, ଶୁକ୍ଳ ପଞ୍ଚମୀ ଗଣ ପର୍ବ ନୂଆଁଖାଇ, ଷଷ୍ଠୀ ଓଷା, ରାଧାଷ୍ଟମୀ, ଗଜପତି ମହାରାଜାଙ୍କର ଅଙ୍କ ଗଣନା ସୁନିଆ ପ୍ରଭୃତି ଭାଦ୍ରବ ମାସ ପାଇଁ ବହୁ ଗୁରୁତ୍ୱ ଆଣିଦିଏ । ଭାଦ୍ରବ ଅମାବାସ୍ୟା ସପ୍ତପୁରୀ ଅମାବାସ୍ୟା ନାମରେ ଖ୍ୟାତ । ଏହିଦିନ ଅଘୋରୀମାନଙ୍କର ତନ୍ତ୍ର ସାଧନାର ପ୍ରକୃଷ୍ଟ ସମୟ । ଏହି ଦିନ ସୁବର୍ଣ୍ଣପୁର ଜିଲ୍ଲାର ସଦରମହକୁମା ମନ୍ଦିର ମାଳିନୀ ଐତିହାସିକ ସହର ସୋନପୁରରେ ସନ୍ଧ୍ୟାରେ ଲଙ୍କାପୋଡିର ଉତ୍ସବ ପାଳିତ ହୁଏ । ଶଙ୍କର ଦାସ ବାରମାସୀ କୋଇଲିରେ ରାମ ବନବାସ ପ୍ରସଙ୍ଗରେ କୌଶଲ୍ୟାଙ୍କ କଣ୍ଠରେ ଭାଦ୍ରବ ମାସର କଥା ଉଲ୍ଲେଖ କରିଛନ୍ତି ।–

ଭାଦ୍ର ହେଲେ ପରବେଶ
ସୁନିର୍ମଳ ଦଶଦିଶ
ଅତିସୁକୁମାରୀ ଜନକ କୁମାରୀ
ମନେ ଭାଳୁଥିବେ କିସ ଲୋ କୋଇଲି

ଓଡିଆ କାବ୍ୟ କବିତାରେ ଭାଦ୍ରବ ମାସକୁ ନେଇ ଅନେକ ସୁନ୍ଦର ପଦାବଳୀ ରହିଅଛି । ଭାଦ୍ରବ ମାସର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାଦ୍ରବ ପୂର୍ଣ୍ଣିମା । ଏହି ପୂର୍ଣ୍ଣିମାକୁ ଇନ୍ଦୁପୂର୍ଣ୍ଣିମା, ଇନ୍ଦସୋବ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ପୂର୍ଣ୍ଣିମାକୁ ଭାଗବତ ଜନ୍ମ ରୂପେ ପାଳନ କରାଯାଏ । ଭାଦ୍ରବ ଶୁକ୍ଳ ନବମୀ ଠାରୁ ଆରମ୍ଭ ହୋଇଥିବା ଭାଗବତ ରାମାୟଣ ଏହିଦିନ ଶେଷ ହୋଇଥାଏ । ତେଣୁ ଏହାକୁ ଭାଗବତ ବଢା କୁହାଯାଏ। ଭାଗବତ ପୋଥି ବା ଭାଗବତ ଗ୍ରନ୍ଥକୁ ଶ୍ରୀକୃଷ୍ଣଙ୍କ ବାଙ୍ଗମୟ ବିଗ୍ରହ ରୂପେ ବିବେଚନା କରାଯାଏ । ଭାଗବତ ପୋଥି ବା ଗ୍ରନ୍ଥ ନିକଟରେ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ । ଏହି ଭୋଗକୁ ସାଧାରଣରେ ବିତରଣ କରାଯାଏ । ସାତଦିନ ବ୍ୟାପି ଯେଉଁ ଭାଗବତ ପାରାୟଣ କରାଯାଏ ତାହା ବିଧିମତେ "ଭାଗବତ ସପ୍ତା"ବୋଲି କୁହାଯାଏ । ଭାଗବତ ସପ୍ତାହ ବା ସପ୍ତାହବ୍ୟାପି ଭାଗବତ ପଠନ । ନବମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଭାଗବତ ସପ୍ତା ସେଭଳି କୌଣସି ବିଧି ନାହିଁ । ବର୍ଷର ଅନ୍ୟ କୌଣସି ସମୟରେ ଭାଗବତ ପାରାୟଣ ବା ସପ୍ତାର ବାରଣ କରାଯାଇ ନାହିଁ । ରାଜା ପରୀକ୍ଷିତଙ୍କୁ ମୃତ୍ୟୁ ମୁଖରୁ ରକ୍ଷାକରିବା ନିମନ୍ତେ ଶୁକମୁନି ଶ୍ରୀମଦ୍ ଭାଗବତର ଶ୍ରୀକୃଷ୍ଣ ଲୀଳାମୃତ ଶୁଣାଇଥିଲେ । ଶୁକମୁନି ଭାଗବତ ପଠନ କରିଥିବା ସମୟ ଭାଦ୍ରବ ଶୁକ୍ଳ ନବମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହାର କୌଣସି ଉଲ୍ଲେଖ ଶ୍ରୀମଦ ଭାଗବତରେ ନାହିଁ। ବ୍ୟାଖ୍ୟାକାରୀମାନେ ଏ ପରମ୍ପରା ମତେ ଶୁକମୁନି ରାଜାପରୀକ୍ଷିତଙ୍କୁ ଭାଦ୍ରବ ଶୁକ୍ଳ ନବମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭାଗବତ ଶୁଣାଇ ଥିବାର ବର୍ଣ୍ଣନା କରନ୍ତି । ତେଣୁ ସେହି ବିଶ୍ୱାସ କ୍ରମେ ଭାଦ୍ରବ ପୂର୍ଣ୍ଣିମାକୁ ଭାଗବତ ଜନ୍ମ ରୂପେ ଗ୍ରହଣ କରାଯାଇଅଛି । ସଂସ୍କୃତ ଭାଗବତର ସ୍ରଷ୍ଟା ବ୍ୟାସ ଦେବ । ସଂସ୍କୃତ ଭାଗବତର ବାରଟି ସ୍କନ୍ଦରେ ଅଠର ହଜାର ଶ୍ଳୋକ ଅଛି । ମଧ୍ୟ ଯୁଗୀୟ ଓଡିଶାର ଆଧ୍ୟାତ୍ମିକ ଜଗତରେ ଯୋଗଜନ୍ମା ତଥା ସିଦ୍ଧ ପୁରୁଷ ପଞ୍ଚସଖାମାନଙ୍କ ମଧ୍ୟରୁ ଅତିବଡି ଜଗନ୍ନାଥଦାସ ଅନ୍ୟତମ । କାଳଜୟୀ ଓଡିଆ ଭାଗବତର ସ୍ରଷ୍ଟା ଅତିବଡି ଜଗନ୍ନାଥ ଦାସ ଭାଦ୍ରବ ଶୁକ୍ଳ ରାଧାଷ୍ଟମୀ ତିଥି ୧୪୮୭ ମସିହାରେ ଭୂମିଷ୍ଠ ହୋଇଥିଲେ ଓ ୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ତିଥିରେ ବ୍ରହ୍ମଲୀନ ହୋଇଥିଲେ ପୁରୀସ୍ଥ ସାତ ଲହଡୀ ମଠରେ । ସେ ୭୧ ଖଣ୍ଡ ପୁସ୍ତକର ରଚୟିତା । ଅର୍ଥ କୋଇଲି, ତୁଳା ଭିଜା, ଦାରୁ ବ୍ରହ୍ମଗୀତା, ପ୍ରଭୃତି ଓଡିଆ ଆଧ୍ୟତ୍ମିକ କୃତି ସୃଷ୍ଟିକରି ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସଂସ୍କୃତରେ ମଧ୍ୟ ଅନେକ ତାଙ୍କର ସୃଷ୍ଟି ଦେଖିବାକୁ ମିଳେ। ସମସ୍ତ କୃତି ମଧ୍ୟରୁ ଓଡିଆ ଭାଗବତ ତାଙ୍କର ଏକ ଅମୂଲ୍ୟ ଗ୍ରନ୍ଥ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଓଡିଆ ଭାଗବତ ପ୍ରଭାବିତ ତଥା ଅନୁପ୍ରେରିତ କରିଥାଏ ଓଡିଆ ତଥା ମାନବ ସମାଜକୁ । ଓଡିଶାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଅଛି ଓଡିଆ ଭାଗବତ । ଓଡିଆ ଭାଗବତ ମାନବ ଜାତି ପାଇଁ ମହାର୍ଘ୍ୟ ବରଦାନ ସଦୃଶ୍ୟ । ନୀତି, ନୈତିକତା, ମାନବବାଦର ମୂଲ୍ୟବୋଧ, ସୂକ୍ଷ୍ମ ଦାର୍ଶନିକ ଜୀବନ ତତ୍ତ୍ୱର ପ୍ରତୀକ ଓଡିଆ ଭାଗବତ । ଆସ୍ଥା, ବିଶ୍ୱାସ, ଭାବ, ଭକ୍ତି, ପ୍ରେମ ଓ ମୁକ୍ତିର ଅନ୍ୟନାମ ଓଡିଆ ଭାଗବତ । ଭାଗବତ ପଠନ, ଅଧ୍ୟୟନ, ଆଲୋଚନା କରାଯାଉଥିବା ଗୃହକୁ ଭାଗବତ ଟୁଙ୍ଗି କୁହାଯାଏ । ଓଡିଆ ଜନଜୀବନର ବିଶେଷ କରି ଗ୍ରାମ୍ୟ ସଂସ୍କୃତିରେ ଭାଗବତ ଟୁଙ୍ଗିର ଯଥେଷ୍ଟ ଗୁରୁତ୍ୱ ରହିଛି । ଭାଗବତ ଟୁଙ୍ଗିରେ ପୋଥି ବା ଗ୍ରନ୍ଥକୁ ନିଷ୍ଠା ଓ ଆଗ୍ରହର ସହିତ ପୂଜା କରାଯାଏ । ଏହା ପୋଥି ଦିଅଁ ବା ଗାଦି ଦିଅଁ ନାମରେ କଥିତ । ଆଜି ମଧ୍ୟ ଭାଗବତ ଟୁଙ୍ଗିର ପ୍ରାସଙ୍ଗିକତା ରହିଛି। ପୂର୍ବ ଗୌରବ ଓ ଗାରିମାକୁ ଭାଗବତ ଟୁଙ୍ଗି ବଜାଇ ରଖିଛି। ଆଜି ମଧ୍ୟ ନ୍ୟାୟ, ନିଷ୍ପାପ, ଇତ୍ୟାଦି ଭାଗବତ ଟୁଙ୍ଗିରେ ଅତି ଦକ୍ଷତାର ସହିତ ସଂପାଦିତ କରାଯାଇ ପାରୁଛି । ଗ୍ରାମକୁ ଆସୁଥିବା ଅତିଥିମାନଙ୍କର ବିଶ୍ରାମ କକ୍ଷ ଭାବେ ଭାଗବତ ଟୁଙ୍ଗି କାର୍ଯ୍ୟ କରୁଅଛି । ବହୁବିଧ ହିତ ସାଧନରେ ଭାଗବତ ଟୁଙ୍ଗି ଅବତୀର୍ଣ୍ଣ ହୋଇଛି । ଏହା ଆମ ପୂର୍ବଜମାନଙ୍କର ସୁନ୍ଦର ପରିକଳ୍ପନା ଓ ଦୂରଦୃଷ୍ଟିର ପ୍ରଭାବ । ଭାଗବତ ଟୁଙ୍ଗି ପ୍ରେରଣା ଓ ଉତ୍ସାହର ଗନ୍ତାଘର । ଶାନ୍ତି, ମୈତ୍ରୀ, ପ୍ରୀତି, ସଂହତି ଓ ସଦ୍‌ଭାବନାର ବାର୍ତ୍ତା ପ୍ରଚାର ଓ ପ୍ରସାର ଦିଗରେ ନିରବଚ୍ଛିନ୍ନଭାବରେ ଭାଗବତ ଟୁଙ୍ଗି କାର୍ଯ୍ୟ କରିଆସୁଅଛି । ବହୁବିଧ ସାମାଜିକ ସମସ୍ୟାର ସମାଧାନ ଓ ହିତ ସାଧନ ନିମନ୍ତେ ଭାଗବତ ଟୁଙ୍ଗି ଉଦ୍ଦିଷ୍ଟ। ଏକ ତଥ୍ୟରୁ ଜଣାପଡିଛି ଓଡିଶାରେ ଏବେ ୭୨୦୦ଭାଗବତ ଟୁଙ୍ଗି ରହିଛି। ଭାଗବତ ଟୁଙ୍ଗିରେ ଓଡିଆ ଭାଗବତ ପୋଥି ବା ଗ୍ରନ୍ଥ ପୂଜା କରାଯାଏ। ଓଡିଆ ଭାଗବତ ରଚନା ହେବାର ୧୪୮ ବର୍ଷ ପରେ ସନାତନ ଗୋସ୍ୱାମୀ ବଙ୍ଗଳା ଭାଷାରେ ଭାଗବତ ରଚନା କରିଥିଲେ। ଭାଦ୍ରବ ପୂର୍ଣ୍ଣିମାକୁ ଭାଗବତ ପୂର୍ଣ୍ଣିମା କୁହାଯାଏ । ଏହିଦିନ ଭାଗବତ ଜନ୍ମ ଦିବସ ରୂପେ ପାଳନ କରାଯାଏ । ଭାଗବତ ପୂର୍ଣ୍ଣିମାର ମଧ୍ୟ ରାତ୍ରରେ ଭାଗବତ ଟୁଙ୍ଗିରେ ଅନ୍ନପ୍ରସାଦ ରନ୍ଧନ କରାଯାଏ। ଆଶ୍ୱିନ ପ୍ରତିପଦା ପ୍ରଭାତରେ ଅନ୍ନପ୍ରସାଦ ଭାଗବତ ଗୋସାଇଁଙ୍କ ନିକଟରେ ଭୋଗଲାଗି ହେବାପରେ ପଂକ୍ତିରେ ସାଧାରଣ ଲୋକେ ପ୍ରସାଦ ସେବନ କରନ୍ତି । ଭାଗବତ ଜନ୍ମ ଓଡିଆ ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଆସିଅଛି ।

# ଜୀବର ଗତି ପରମାର୍ଥ



ଗୀତାଞ୍ଜଳି କର
ଝାଞ୍ଜିରୀମଙ୍ଗଳା,
କଟକ, ୭୫୩୦୦୯

ସନାତନ ଧର୍ମର ପବିତ୍ର ଶାସ୍ତ୍ର ଶ୍ରୀମତଭାଗବତ ମହାପୁରାଣ ଅନୁସାରେ 'ଜୀବର ଗତି ପରମାର୍ଥ'ବୋଲି ଏକାଦଶ ସ୍କନ୍ଧରେ ଉଲ୍ଲେଖ । ପ୍ରଧାନତଃ ଦୁଇ ପ୍ରକାର ଗତିମାନେ ସଂସାରଗତି ଓ ପରମାର୍ଥ ଗତି । ଏହି ଦୁଇ ଗତିରୁ ସଂସାର ଗତିରେ ଜୀବ ଆସକ୍ତି, ମୋହ, ମାୟାର କାରଣରୁ ଅନେକ ପାପ କର୍ମ କରି ବାରମ୍ବାର ଚଉରାଅଶୀ ଲକ୍ଷ ଯୋନିରେ ଘୁରି ବୁଲେ। କିନ୍ତୁ ପରମାର୍ଥ ଗତି ଜୀବକୁ ଦେଇଥାଏ ମୋକ୍ଷ । ସତସଙ୍ଗ, ହରିନାମ ସଂକୀର୍ତ୍ତନ ଓ ଅନନ୍ୟ ଭକ୍ତି ମାଧ୍ୟମରେ ଜୀବ ଭଗବାନଙ୍କ ପରମ ଧାମକୁ ପ୍ରାପ୍ତ ହୋଇଥାଏ । ଯେଉଁଥିରେ ଜୀବ ଜନ୍ମ ମରଣର ରତୁଚକ୍ରରେ ପଡେନାହିଁ । ଅର୍ଥାତ ଭାଗବତ କଥା ଅନୁସାରେ ଜୀବ ନିଜର କର୍ମ କାରଣରୁ ସଂସାର ଚକ୍ରରେ ଘୁରିବୁଲେ । କେବଳ ଭାଗବତ ଭକ୍ତି ଅନୁସାରେ ପରମାର୍ଥ ଯାହା ପରମ ପଦକୁ ପ୍ରାପ୍ତ କରିପାରେ। ଏଣୁ ଶ୍ରୀମତ ଭାଗବତର ମହତ୍ତ୍ୱପୂର୍ଣ୍ଣ ବାଣୀ କହେ...

'ଉଦ୍ଧବ ବାକ୍ୟେ ଜଗନ୍ନାଥ ଜୀବର ଗତି ପରମାର୍ଥ
କହନ୍ତି ଉଦ୍ଧବକୁ ଚାହିଁ ଶୁଣ ହୋ ଏକଚିତ୍ତେ ତୁହି ।'

ମୂଳତଃ ଜୀବ ଈଶ୍ୱରଙ୍କ ଅଂଶ । କିନ୍ତୁ ସଂସାରକୁ ଆସିଲା ପରେ ଜୀବ ମାୟା ଅର୍ଥାତ ଅଜ୍ଞାନର ବଶବର୍ତ୍ତୀ ହୋଇଯାଏ। ଏହି କାରଣରୁ ଜୀବ ଶରୀରକୁ ନିଜସ୍ୱ କରି ଜନ୍ମ ମରଣର ଚକ୍ରରେ ଛନ୍ଦି ହୁଏ। କର୍ମ କାରଣରୁ ମାତୃଗର୍ଭରେ ଜୀବ ଅସହନୀୟ କଷ୍ଟରେ ପୂର୍ବ ଜନ୍ମର କଥା ସ୍ମରଣ କରେ । ତେଣୁ ବ୍ୟାକୁଳ ହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରେ 'ହେ ପ୍ରଭୁ ମୋତେ ଏ ନର୍କରୂପୀ ଗର୍ଭରୁ ବାହାର କର । ମୁଁ ବାହାରକୁ ଯାଇ କେବଳ ଆପଣଙ୍କ ଭଜନ କରିବି । ହେଲେ ଜନ୍ମ ନେଲା ପରେ ମାୟାର ପ୍ରଭାବରେ ସବୁକିଛି ଭୁଲିଯାଇ ଜୀବ ସଂସାରର ମୋହରେ ପଡ଼ିଯାଏ । ତେଣୁ ତାର ଭବ ଦୁଃଖରୁ ନିସ୍ତାର ପାଇବା କଷ୍ଟ । କିନ୍ତୁ ଜୀବର ଅନ୍ତିମ ଲକ୍ଷ୍ୟ ସଂସାର ବନ୍ଧନରୁ ମୁକ୍ତ ହୋଇ ଈଶ୍ୱରଙ୍କ ଶରଣରେ ସମର୍ପିତ ହୋଇଯିବା ।

ସଂସାର ପଥରେ ଜୀବର ମୁଖ୍ୟତଃ ତିନିଟି ଗତି ହୋଇଥାଏ। ଜୀବର ଗତି କର୍ମ ଉପରେ ନିର୍ଭର କରେ । ପ୍ରଥମେ ଅଧୋଗତିରେ ଜୀବ ତାମସୀ ପ୍ରବୃତ୍ତି ହେତୁ ନିଜ ଇନ୍ଦ୍ରିୟକୁ ତୃପ୍ତ କରିବାକୁ ଇଚ୍ଛା ରଖେ । ଏଥିପାଇଁ ପାପ କର୍ମରେ ଲିପ୍ତ ରହେ । ମୃତ୍ୟୁ ପରେ କଷ୍ଟଦାୟକ ନର୍କକୁ ଭୋଗେ । ପଶୁ, ପକ୍ଷୀ, ବୃକ୍ଷ, ଲତା ଇତ୍ୟାଦି ରୂପରେ ଜନ୍ମ ନିଏ । ଜୀବର ମଧ୍ୟମ ଗତିରେ ସକାମ କର୍ମ ପ୍ରତିଫଳିତ ହୁଏ । ସୁଖ ଆଉ ଦୁଃଖର ଅନୁଭବରେ ଜୀବ ଅତିବାହିତ କରେ। ଅର୍ଥାତ ଫଳ ଆଶାରେ ପୁଣ୍ୟ କର୍ମ କରି ଜୀବ ପୁନଶ୍ଚ ଧରାଧାମକୁ ଆସେ । ଉର୍ଦ୍ଧ୍ୱଗତିରେ ଜୀବ ସାତ୍ତ୍ୱିକ କର୍ମ କରି ସ୍ୱର୍ଗ ଲୋକକୁ ଗତି କରେ କିନ୍ତୁ ପୁଣ୍ୟ କ୍ଷୀଣ ହେଲେ ତାକୁ ପୃଥ୍ୱୀଲୋକକୁ ଆସିବାକୁ ପଡିଥାଏ । ତେଣୁ ଶ୍ରୀମତ ଭାଗବତ ବ୍ୟଖ୍ୟା କରେ...

'ପ୍ରାଣୀ ସଙ୍ଗତେ ଯାହା ଭାବେ ସେ ଅନୁସାରେ ଜନ୍ମ ଲଭେ
ଏ ଆତ୍ମା ମନ ପଛେ ପଛେ ସ୍ୱଭାବେ ବୁଲଇ ପ୍ରତ୍ୟକ୍ଷେ ।'

ଜୀବର ପରମାର୍ଥ ଗତି ସମ୍ପୂର୍ଣ ଅଲଗା ଯେଉଁଥିରେ ଜୀବ ସ୍ଥାୟୀ ଗତିକୁ ପ୍ରାପ୍ତ ହୋଇଥାଏ । ଯେହେତୁ ସ୍ୱର୍ଗ ଓ ନର୍କ ଅସ୍ଥାୟୀ ତେଣୁ ଜୀବର ପରମ କଲ୍ୟାଣ ପରେ ଏସବୁର ଲୋଡ଼ା ନାହିଁ । କାରଣ ଜୀବ ବୁଝିଯାଏ ଏ ସଂସାର ସୁଖ କ୍ଷଣଭଙ୍ଗୁର । ସେଥିଲାଗି ବୈରାଗ୍ୟ ଭାବନାରେ ଜୀବନ ଅତିବାହିତ କାରିବାକୁ ଭଲପାଏ । ତାର ଉଚିତ ଜ୍ଞାନ ଆସିଯାଏ । ଜ୍ଞାନ ଓ ବୈରାଗ୍ୟରେ ତ ନିଷ୍କାମ ଭକ୍ତି ଉଦ୍ରେକ ହୁଏ । ତେଣୁ ଚିତ୍ତକୁ ଶୁଦ୍ଧ କରି ନିଜକୁ ଈଶ୍ୱର ଚରଣରେ ପୂର୍ଣ୍ଣ ସମର୍ପିତ କଲେ ସଂସାର ମାୟାର ପ୍ରଭାବ ରହେ ନାହିଁ ଓ ଜୀବ ପାଇଁ ମୁକ୍ତିର ଦ୍ୱାର ଖୋଲିଯାଏ। ଶେଷରେ ଜୀବ ବୈକୁଣ୍ଠ ପ୍ରାପ୍ତ କରିଥାଏ ଯାହାକୁ ପରମ ଗତି କୁହାଯାଏ । ଯେଉଁଠୁ ଜୀବର ପତନ ମାନେ ପୁନର୍ଜନ୍ମ ହୁଏ ନାହିଁ ।

ଜୀବର ପରମ ଗତିକୁ ପ୍ରାପ୍ତ ସମ୍ବନ୍ଧରେ ଶ୍ରୀମତ ଭାଗବତ ଅନେକ ପ୍ରସଙ୍ଗ ମାଧ୍ୟମରେ ଅବଗତ କରେ । ପଞ୍ଚମ ସ୍କନ୍ଧରେ ଜଡ଼ ଭରତ ଓ ରାଜା ରହୁଗଣ ପ୍ରସଙ୍ଗ ଅନନ୍ୟ ଭାବରେ ବର୍ଣ୍ଣିତ ହୋଇଛି । ଯେଉଁଥିରେ ସନାତନ ଦର୍ଶନ, ସମଦୃଷ୍ଟି, ସତସଙ୍ଗ ଓ ଆତ୍ମଜ୍ଞାନର ମହତ୍ତ୍ୱକୁ ବୁଝିବା ପାଇଁ ସୁନ୍ଦର ବିଷୟବସ୍ତୁକୁ ଉପସ୍ଥାପନା କରାଯାଇଛି। ଜଡ଼ ଭରତଙ୍କ ଆତ୍ମଜ୍ଞାନରେ ରାଜା ରହୁଗଣ କିପରି ପରମ ଗତିକୁ ଲାଭ କରିଛନ୍ତି ତାହା ବିସ୍ତୃତ କରାଯାଇଛି । ରାଜା ଭରତ ଯାହାଙ୍କ ପିତା ଥିଲେ ଋଷଭ ଦେବ। ସୂର୍ଯ୍ୟବଂଶୀ ରାଜା ଭରତଙ୍କ ଶାସନ ଓ ତ୍ୟାଗର ମନୋଭାବ ପାଇଁ ତାଙ୍କୁ ସମୟ ଚକ୍ରବର୍ତ୍ତୀ ସମ୍ରାଟ ରୂପେ ଅଭିହିତ କରିଥିଲା । ସେ ପୂର୍ବ ଜନ୍ମର କର୍ମ ହେତୁ ତିନି ଜନ୍ମ ନେଇଥିଲେ । ଗୋଟିଏ ମୃଗ ଛୁଆପ୍ରତି ଅତୀବ ମୋହ ରାଜା ଭରତଙ୍କୁ ଭଗବତ କର୍ମରୁ ବିଚ୍ୟୁତ କରିଥିଲା । ସେଥିପାଇଁ ସେ ତିନି ଜନ୍ମର ଜନ୍ମମୃତ୍ୟୁ ଚକ୍ରରେ ପଡିଲେ । ପ୍ରଥମ ଜନ୍ମ ରାଜା ଭରତ, ଦ୍ୱିତୀୟ ଜନ୍ମ ମୃଗ ଓ ତୃତୀୟ ଜନ୍ମରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିଲେ । କିନ୍ତୁ ଶେଷ ଜନ୍ମରେ ସେ ପୂର୍ବ ଜନ୍ମର ଜ୍ଞାନସମ୍ବନ୍ଧରେ ଜ୍ଞାତ ଥିଲେ ।

ସେ ସର୍ବଦା ଅନୁଭବ କରୁଥିଲେ କି ସାଂସାରିକ ଆସକ୍ତି କେବଳ ବନ୍ଧନର କାରଣ । ତେଣୁ ସଂସାରର ଲୋକମାନେ ତାଙ୍କୁ ପୁନଶ୍ଚ ମୋହ ମାୟାରେ ବଶୀଭୂତ ନ କରିବା ପାଇଁ ସେ ଜଣେ ସବୁଠୁ ଅପରିଷ୍କାର, ମୂକ, ବଧିର ଓ ବୁଦ୍ଧିହୀନ ବ୍ୟକ୍ତି ଭଳି ବ୍ୟବହାର କରୁଥିଲେ । ଏଥିପାଇଁ ତାଙ୍କ ନାମ 'ଜଡ଼ ଭରତ' ହେଲା । ସେ ନିରନ୍ତର ସୁଖ ଦୁଃଖ, ମାନ ଅପମାନ, ଶୀତ ଉଷ୍ମର ଅନୁଭବକୁ ଦୂରେଇ ଆତ୍ମ ଚିନ୍ତନରେ ଲୀନ ରହୁଥିଲେ । ଏଭଳି ଅନାଶକ୍ତ ବ୍ୟକ୍ତିକୁ ଲୋକେ ପାଗଳ, ଚୋର ଆଖ୍ୟା ଦେଉଥିଲେ । ଏସବୁ ଶୁଣି ତାଙ୍କର କୌଣସି ପ୍ରତିକ୍ରିୟା ମଧ୍ୟ ହେଉ ନ ଥିଲା। ଖାଦ୍ୟ ମିଳୁଥିଲେ ଖାଉଥିଲେ ନଚେତ ଉପାସ ରହୁଥିଲେ କ୍ଷସାଧାରଣ ଆବଶ୍ୟକତା ନ ମିଳିଲେବି ସେ ରୁଷ୍ଟ ହେଉନଥିଲେ ।

ଥରେ ରାଜା ରହୁଗଣ ପାଲିଙ୍କିରେ ବସି ତତ୍ତ୍ୱଜ୍ଞାନ ଜାଣିବା ଉଦ୍ଦେଶ୍ୟରେ କପିଳ ମୁନିଙ୍କ ଆଶ୍ରମକୁ ଯାଉଥିଲେ । ଯାହାଙ୍କର ସାମ୍ରାଜ୍ୟ ଥିଲା ସିନ୍ଧୁସୌଭୀର ଦେଶ। ରାଜା ପାଲିଙ୍କିରେ ଯାଇ ଇକ୍ଷୁମତି ନଦୀ କୂଳରେ ପାହାହିଁବା କ୍ଷଣି ପାଲିଙ୍କିବାହକଙ୍କ ଜମାଦାର ଦେଖିଲା କି ଆଉ ଜଣେ ବାହକର ଆବଶ୍ୟକତା ଅଛି । ତେଣୁ ତାର ନଜର ପଡିଲା ଜଡ଼ ଭରତ ଉପରେ । ସ୍ୱାସ୍ଥ୍ୟବାନ ଭରତଙ୍କୁ ଦେଖି ସେ ଜବରଦସ୍ତ ପାଲିଙ୍କି ବାହିବାରେ ଲଗେଇଦେଲା । ଜଡ଼ ଭରତ ପାଲିଙ୍କି ଉଠାଇ ଚାଲିଲେ। ସେ ଜୀବ ହିଂସାରୁ ବର୍ତ୍ତିବା ପାଇଁ ବହୁତ ଧାନର ସହ ଚାଲୁଥିଲେ । ଯେମିତି କୌଣସି ପିମ୍ପୁଡି କିମ୍ବା ଅନ୍ୟ ଛୋଟ ଜୀବ ତାଙ୍କ ଗୋଡ଼ ତଳେ ଦଳି ନ ହେଉ । ଏହି ଚେଷ୍ଟାରେ ରାଜାଙ୍କ ପାଲିଙ୍କି ସୁଚାରୁରୂପେ ଯାଉ ନଥିଲା । ଏଥିପାଇଁ ରାଜା ରହୁଗଣ କ୍ରୋଧାନ୍ୱିତ ହୋଇ ବ୍ୟଙ୍ଗରେ କହିଲେ ତୁ କ'ଣ ଥକିଗଲୁଣିକି ? ତୁ ବହୁତ ଦୁର୍ବଳ ଲାଗୁଛୁ । ଲାଗୁଛି ତୁହି କେବଳ ପାଲିଙ୍କିଟାକୁ ଉଠାଉଛୁ । ତୋତେ କଣ ବାର୍ଦ୍ଧକ୍ୟ ଆସିଲାଣି ?

ରାଜାଙ୍କର ବାରମ୍ବାର ବିରକ୍ତ ଓ ସମାଲୋଚନା ପୂର୍ଣ୍ଣ କଥା ଉପରେ ଜଡ଼ ଭରତ ଶାନ୍ତ ରହିଥିଲେ। କିନ୍ତୁ ରାଜା ଯେତେବେଳେ ଦଣ୍ଡ ଦେବା କଥା କହିଲେ ସେତେବେଳେ ଜଡ଼ ଭରତ ନିଜ ମୌନତାକୁ ଭାଙ୍ଗିଲେ । ସେ ରାଜାଙ୍କୁ ଅହଂକାର ଦୂରେଇ ପରମ ସତ୍ୟକୁ ବୁଝିବା ପାଇଁ ଉପଦେଶ ଦେଲେ। ହେ ରାଜା ତୁମେ ଶରୀର ଓ ଆତ୍ମାକୁ ଠିକ ରୂପେ ବୁଝିପାରିନ । ତୁମେ କହିଲ ମୁଁ ମୋଟା, ଦୁର୍ବଳ ତଥା ଥକିପଡୁଛି । ଏସବୁ କଥା କେବଳ ସ୍ଥୁଳ ଶରୀର ପାଇଁ। କିନ୍ତୁ ଆତ୍ମା ଏସବୁର ଉର୍ଦ୍ଧ୍ୱରେ। ଆତ୍ମା ମୋଟା ନୁହେଁ, ପତଳା ନୁହେଁ କି ତା ପାଖରେ ଥକାପଣ ଓ ବାର୍ଦ୍ଧକ୍ୟ ନ ଥାଏ। ତୁମେ କେବଳ ସାଂସାରିକ ପଦ ମର୍ଯ୍ୟାଦାରେ ପଡ଼ି ତୁମେ ରାଜା ମୁଁ ସେବକ ଏ ଯେଉଁ ଭ୍ରମରେ ପଡ଼ିଛ ତାହା ତୁମର ସାଂସାରିକ ବ୍ୟବହାର । କାରଣ ଆଜି ତୁମେ ରାଜା କାଲିକୁ ପ୍ରଜା ହୋଇପାର। ମାଟି ପାତ୍ର ପରି ଏ ଶରୀର ଦିନେ ମାଟିରେ ମିଶିଯିବ। ତେଣୁ ଶ୍ରୀମଦ୍ ଭାଗବତ ଏ ପ୍ରସଙ୍ଗରେ ବର୍ଣ୍ଣନା କରେ...

'ଯା ଦେହେ ଅଭିମାନ ଥାଇ ତାହାର ତହିଁ ଏତେ ଥାଇ
ମୋର ଦେହରେ ଏତେ ନାହିଁ ଏଣୁ ଜୀବନମୃତ ମୁହିଁ ।'

ଜଡ଼ ଭରତଙ୍କ ଏପରି ଗୁଢତତ୍ତ୍ୱ ଓ ଅଲୌକିକ ଶବ୍ଦରେ ରହୁଗଣ ଚକିତ ହେଲେ। ନିମିଷକରେ ତାଙ୍କର ଅହଂକାର ନଷ୍ଟ ହୋଇଗଲା । ସେ ବୁଝିଗଲେ ଇଏ ସାଧାରଣ ନୁହନ୍ତି ବରଂ କେହି ମହାନ ଆତ୍ମଜ୍ଞାନୀ ସନ୍ଥ ଅଟନ୍ତି। ରାଜା ପାଲିଙ୍କି ରଖିବାକୁ ଆଦେଶ ଦେଲେ ଓ ପାଲିଙ୍କିରୁ ଓଲ୍ହାଇ ଆସି ଜଡ଼ ଭରତଙ୍କ ଚରଣରେ ଲୋଟିଗଲେ। କ୍ଷମା ମାଗି ଜଡ଼ ଭରତଙ୍କୁ ଆତ୍ମଜ୍ଞାନର ଉପଦେଶ ଦେବା ପାଇଁ କହିଲେ । କାରଣ ବ୍ରାହ୍ମଣର କ୍ରୋଧାଗ୍ନିରେ ଭୟଭୀତ ହୋଇଗଲେ ରାଜା ରହୁଗଣ। ଏଇ କଥା ଶ୍ରୀମତ ଭାଗବତ ଉଲ୍ଲେଖ କରେ...

**'ବ୍ରାହ୍ମଣ ଅପମାନେ ମୋର**
**ହୃଦ କମ୍ପଇ ଥରହର**
**ଏଣୁ ଅପରାଧ ମୋହର**
**କ୍ଷମା ତୁ କର ଦ୍ୱିଜବର ।'**

ଜଡ ଭରତ ରାଜା ରହୁଗଣଙ୍କୁ ଆତ୍ମଜ୍ଞାନ ଦେବା ଉଦ୍ଦେଶ୍ୟରେ କହିଲେ ହେ ରାଜା ପ୍ରକୃତ ଜ୍ଞାନ ସତସଙ୍ଗରେ ମିଳିଥାଏ । କଠିନ ତପସ୍ୟା, ଯଜ୍ଞ, ବେଦ ଅଧ୍ୟୟନ କିମ୍ବା ବିଭିନ୍ନ ପୂଜା ବ୍ରତ କଲେ ମଧ୍ୟ ବାସ୍ତବ ଜ୍ଞାନ ପ୍ରାପ୍ତି ହୋଇନଥାଏ। କାରଣ ଏ ସବୁ ବାହ୍ୟିକ ଆଚରଣ ଲୋକଲୋଚନରେ ପୁଣ୍ୟ କାର୍ଯ୍ୟ । ଏ ପୁଣ୍ୟ କାର୍ଯ୍ୟ କ୍ଷୀଣସ୍ଥାୟୀ ଯାହାପାଇଁ ଜୀବକୁ ପୁନଶ୍ଚ ଜନ୍ମ ନେବାକୁ ପଡିଥାଏ। ତେଣୁ ସନ୍ଥ ଚରଣର ଧୂଳି ପ୍ରାପ୍ତ ନ ହେଲେ ସର୍ବୋଚ୍ଚ ଜ୍ଞାନ ପ୍ରାପ୍ତି ସମ୍ଭବ ନୁହେଁ। ସର୍ବୋପରି ମନର ବନ୍ଧନ ଯେଉଁପର୍ଯ୍ୟନ୍ତ ନ ଯାଇଛି ପରମାର୍ଥ ଜ୍ଞାନ ଅସମ୍ଭବ। ସଂସାରରେ ସୁଖ ଦୁଃଖର କାରଣ ହେଉଛି ମନ ଓ ଆସକ୍ତି । ଯେବେ ମନ ନିରାସକ୍ତ ହୋଇ ପ୍ରଭୁ ଚରଣରେ ଲାଗିଯାଏ ସେତେବେଳେ ଜୀବ ମୁକ୍ତ ହୁଏ । ଏପରି ପରମ ଜ୍ଞାନର ବର୍ଷା ହେଲା ପରେ ରାଜା ରହୁଗଣଙ୍କ ଅଜ୍ଞାନତା ସମ୍ପୂର୍ଣ୍ଣ ନଷ୍ଟ ହେଲା । ଦେହାଭିମାନକୁ ଛାଡି ରାଜା ଆତ୍ମ ଭାବରେ ସ୍ଥିତ ରହିଲେ । ନାନାତ୍ୱରେ ଏକତ୍ୱକୁ ଚିନ୍ତନ କଲେ। ଜଡ଼ ଭରତ ରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରି ପୃଥ୍ୱୀ ବିଚରଣ କରିବାକୁ ଚାଲିଗଲେ । ରାଜା ରହୁଗଣ ଜୀବନ ମୁକ୍ତ ହୋଇ ଭଗବତ ଭକ୍ତିରେ ଲୀନ ହୋଇଗଲେ। ତେଣୁ ସାଧାରଣରେ ପରମାର୍ଥ ପ୍ରାପ୍ତି ପାଇଁ ଆମକୁ ଆମର ପରମାର୍ଥୀ ଆଦର୍ଶକୁ ଦୃଢ଼ ରଖିବା ଉଚିତ। କନକ, କାମିନୀ, ଅଜସ୍ର ଧନ ସମ୍ପତ୍ତି ପଛରେ ନ ଗୋଡ଼ାଇ ଆମର ବିଚାର ଧାରାର ସ୍ଥିତିକୁ ସର୍ବୋଚ୍ଚ କରିବା ଆବଶ୍ୟକ । ଆଜିକାଲି ଅନେକ ନିଜର ସ୍ୱାର୍ଥ ଏବଂ ଲକ୍ଷ୍ୟକୁ ବେଶୀ ଗୁରୁତ୍ୱ ଦେଉଛନ୍ତି । କାଁ ଭାଁ ପରମାର୍ଥୀ ଆଦର୍ଶବାଦୀ ଦେଖିବାକୁ ମିଳିଲେ ବି ସେମାନେ ନିଜକୁ ସବୁକିଛି ମାନି ନେଉଛନ୍ତି । ସେମାନେ ବାସ୍ତବ ପରମାର୍ଥର ଅନୁସନ୍ଧିତ୍ସୁ ଭଳି ଲାଗନ୍ତିନି। ସ୍ପଷ୍ଟ ଆତ୍ମିକ ଆଦର୍ଶକୁ ତୀବ୍ର କଲେ ହିଁ ସବୁ ସମ୍ଭବ । ଭଗବତ ଭକ୍ତିରେ ଅନବରତ ବୁଡିରହିବା ହିଁ ନଶ୍ଚିତ ପରମାର୍ଥ ଗତି। 'ଓଂ ସତ୍ୟଂ ପରଂ ଧୀମହୀ '। ସମସ୍ତଙ୍କୁ ଭଗବତ କୃପା ପ୍ରାପ୍ତ ହେଉ।

# ଭାଗବତ ଟୁଙ୍ଗୀ : ହଜିଯାଇଥିବା ସଞ୍ଜର ଶେଷ ସ୍ୱର



ମିଲନ କୁମାର ମିଶ୍ର
(ଭରଦ୍ୱାଜ)
ମାର୍ଫତ -ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ,
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

"ଗୋବିନ୍ଦ... ଗୋବିନ୍ଦ... ଗୋବିନ୍ଦ..."—ଏଇ ଶବ୍ଦ ଶୁଣିଲେ ଆଜି ବି ଆଖି ଆଗରେ ଭାସିଉଠେ ଓଡ଼ିଶାର ଏକ ପୁରୁଣା ଗାଁର ସଞ୍ଜ । ସୂର୍ଯ୍ୟ ଅସ୍ତ ଯାଉଛି, ଗାଁ ଦାଣ୍ଡରେ ଅନ୍ଧାର ଓହ୍ଲାଇ ଆସୁଛି, ଗୋରୁଗାଈଙ୍କ ଘଣ୍ଟି ଶୁଭୁଛି, ଘର ଅଗଣାରେ ଜଳୁଛି ସଞ୍ଜବତୀ । ଚୁଲିର ଧୂଆଁ ସଞ୍ଜ ପବନରେ ମିଶିଯାଉଛି । ଠିକ୍ ସେତିକିବେଳେ କେଉଁ ଏକ କୋଣରୁ ଭାସିଆସୁଛି—"ଭାଗବତ ପଢ଼ା ହେବ... ସମସ୍ତେ ଆସନ୍ତୁ..."। ସେ ଡାକ ଥିଲା କେବଳ ଭାଗବତ ଶୁଣିବାର ଆହ୍ୱାନ ନୁହେଁ; ଥିଲା ମଣିଷ ମଣିଷ ପାଖକୁ ଫେରିଆସିବାର ଏକ ଅଦୃଶ୍ୟ ଡାକ। ବୟସ୍କମାନେ ଧୋତି-ଗାମୁଛା ପିନ୍ଧି ଆସୁଥିଲେ, ମହିଳାମାନେ ଘରକାମ ସାରି ଟୁଙ୍ଗୀ ଆଡ଼କୁ ମୁହଁ କରୁଥିଲେ, ପିଲାମାନେ ଆସୁଥିଲେ ବଡ଼ମାନଙ୍କ ପଛେ ପଛେ। ସେଇ ଛୋଟ ଚାଳଘର ଭିତରେ ଖୋଲିଯାଉଥିଲା ଭକ୍ତି, ଜ୍ଞାନ ଓ ଜୀବନର ଏକ ବିଶାଳ ଜଗତ । ଭାଗବତ ପାଠ ହେଉଥିଲା, ତା'ର ଅର୍ଥ ବୁଝାଯାଉଥିଲା, ଆଉ ତା' ସହିତ ଚାଲୁଥିଲା ଜୀବନର ଆଲୋଚନା। ସେଠାରେ ସତ୍ୟ, ଦୟା, ସେବା, ସଂଯମ ଓ ମାନବିକତାର ପାଠ ମିଳୁଥିଲା । ତେଣୁ ଭାଗବତ ଟୁଙ୍ଗୀ ଥିଲା କେବଳ ଧାର୍ମିକ ସ୍ଥାନ ନୁହେଁ—ଏହା ଥିଲା ଗାଁର ପାଠଶାଳା, ମିଳନସ୍ଥଳୀ ଓ ମାନବିକତାର ଆସର। ଗାଁର ସାମାଜିକ ଜୀବନରେ ମଧ୍ୟ ଟୁଙ୍ଗୀର ଭୂମିକା ଥିଲା ଅତୁଳନୀୟ । କାହା ଘରେ ବିବାହ, କାହାର ଅସୁସ୍ଥତା, କାହାର ଦୁଃଖ କିମ୍ବା କାହାର ଅସୁବିଧା—ସବୁ କଥା ଆଲୋଚନା ହେଉଥିଲା ସେଠାରେ । ଆବଶ୍ୟକତାବେଳେ ସମସ୍ତେ ଏକାଠି ଠିଆ ହେଉଥିଲେ । ଟୁଙ୍ଗୀ ମଣିଷକୁ ମଣିଷ ସହିତ, ପିଢ଼ିକୁ ପିଢ଼ି ସହିତ ଯୋଡ଼ି ରଖୁଥିଲା। ବୃଦ୍ଧମାନଙ୍କ ଅନୁଭବ ଯୁବପିଢ଼ି ପାଖକୁ ଯାଉଥିଲା, ଆଉ ପିଲାମାନେ ଶୁଣୁଥିଲେ ଗାଁର ଗପ, ପରମ୍ପରା ଓ ଜୀବନବୋଧ । ଏହି ଦୃଷ୍ଟିରୁ ଟୁଙ୍ଗୀ ଥିଲା ଗାଁର ଏକ ଜୀବନ୍ତ ସାମାଜିକ ପାଠଶାଳା। କିନ୍ତୁ ସମୟ ବଦଳିଗଲା । ଯୁକ୍ତ ପରିବାର ଭାଙ୍ଗିଲା, ଲୋକେ ଜୀବିକା ପାଇଁ ସହରମୁହାଁ ହେଲେ। ଟେଲିଭିଜନ୍, ମୋବାଇଲ୍ ଓ ଇଣ୍ଟରନେଟ୍ ଆମ ସଞ୍ଜକୁ ନିଜ ନିଜ ପରଦା ଭିତରେ ବନ୍ଦ କରିଦେଲା । ଯେଉଁ ସମୟରେ ଲୋକେ ଏକାଠି ବସି ଭାଗବତ ଶୁଣୁଥିଲେ, ଆଜି ସେଇ ସମୟରେ ଅନେକେ ମୋବାଇଲ୍‌ରେ ବ୍ୟସ୍ତ । ଫଳରେ ଅନେକ ଗାଁରେ ଭାଗବତ ଟୁଙ୍ଗୀ ନିରବ ହୋଇଗଲା। ଏହି ନିରବତା କେବଳ ଗୋଟିଏ ଚାଳଘରର ନିରବତା ନୁହେଁ। ଏହା ସାମୂହିକ ଜୀବନର ଅବକ୍ଷୟର ଏକ ପ୍ରତିଛବି । ଏହି ନୀରବତା ଭିତରେ ଆମେ ହରାଇଛୁ ଏକାଠି ବସିବାର ଅଭ୍ୟାସ, ବଡ଼ମାନଙ୍କଠାରୁ ଶୁଣିବାର ଧୈର୍ଯ୍ୟ, ପରର ଦୁଃଖରେ ଠିଆ ହେବାର ମନ ଓ ପିଢ଼ିରୁ ପିଢ଼ିକୁ ସଂସ୍କୃତି ହସ୍ତାନ୍ତର କରିବାର ସୁଯୋଗ। ଟୁଙ୍ଗୀ ହଜିବା ସହିତ ହୁଏତ ଆମ ଗାଁର ଗୋଟିଏ ଅଂଶ ମଧ୍ୟ ଆମଠାରୁ ଦୂରେଇଯାଇଛି । ତଥାପି ଆଧୁନିକତାକୁ ଛାଡ଼ି ପଛକୁ ଫେରିଯିବା ଏହାର ସମାଧାନ ନୁହେଁ। ଆବଶ୍ୟକ ହେଉଛି ଆଧୁନିକତା ସହିତ ମୂଳ ସମ୍ପର୍କକୁ ଜୀବନ୍ତ ରଖିବା। ଭାଗବତ ଟୁଙ୍ଗୀକୁ ଆଜିର ସମୟ ଅନୁଯାୟୀ ପୁଣି ସାମୁଦାୟିକ ଶିକ୍ଷା ଓ ସଂସ୍କୃତିର କେନ୍ଦ୍ର କରାଯାଇପାରେ । ସେଠାରେ ପିଲାମାନେ ଓଡ଼ିଆ ଭାଷା, ଲୋକକଥା ଓ ପରମ୍ପରା ଶିଖନ୍ତୁ; ଯୁବପିଢ଼ି ସମାଜର ସମସ୍ୟ ନେଇ ଆଲୋଚନା କରୁ; ବୃଦ୍ଧମାନେ ନିଜ ଅନୁଭବ ବାଣ୍ଟନ୍ତୁ । କାରଣ ଡିଜିଟାଲ୍ ଜ୍ଞାନ ଆମକୁ ଆଗକୁ ନେଇପାରେ, କିନ୍ତୁ ମୂଲ୍ୟବୋଧ ହିଁ ଆମକୁ ମଣିଷ କରିଥାଏ । ଦିନେ ହୁଏତ କୌଣସି ଗାଁର ସଞ୍ଜରେ ପୁଣି ଥରେ ଶୁଭିବ—"ଗୋବିନ୍ଦ... ଗୋବିନ୍ଦ... ଗୋବିନ୍ଦ..."। ସେଇ ଧ୍ୱନି କେବଳ ଭଗବାନଙ୍କ ନାମ ହେବ ନାହିଁ; ତା' ସହିତ ଫେରିଆସିବ ଏକାଠି ବସିବାର ଆନନ୍ଦ, ପିଢ଼ିରୁ ପିଢ଼ିକୁ କଥା କହିବାର ପରମ୍ପରା ଓ ମଣିଷ ପାଇଁ ମଣିଷ ହୋଇ ରହିବାର ସେଇ ପୁରୁଣା ଆତ୍ମୀୟତା। ଭାଗବତ ଟୁଙ୍ଗୀ ହୁଏତ ନିରବ ହୋଇଛି; କିନ୍ତୁ ତା'ର ସ୍ମୃତି ଆଜି ବି ଆମକୁ ଡାକୁଛି – ମୂଳକୁ ଫେରିଆସ, ନିଜ ମଣିଷଙ୍କ ପାଖକୁ ଫେରିଆସ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଜୀବନଟା ଗୋଟେ ମିଛ ମାୟା ଖେଳ



*ହରିଶ୍ଚନ୍ଦ୍ର ବେହେରା*

ଜୀବନଟା ଗୋଟେ ମିଛ ମାୟା ଖେଳ
ମିଛ ମିଛ ଜଉ ଘର
ସମସ୍ତେ ଏଠାରେ ସ୍ୱାର୍ଥରେ ବନ୍ଧା
କାହାକୁ ଭାବୁ ନିଜର ।।

ଭାଗ୍ୟ ଯଦି ତୋତେ ସାହା ହେଲାନିରେ
କାହାକୁ ନିନ୍ଦିବୁ କହ
ଜୀବନତ ଗୋଟେ ସାପ ସିଡ଼ି ଖେଳ
କେତେ ଦୁଃଖ କହ ଦହ

ସରିଯିବ ଦିନେ ସବୁ ଲୀଳା ଖେଳା
ଜୁଇ ହେବ ଆପଣାର ।।

ଜୀବନଟା ଯା'ର ଦୁଃଖରେ ଗଢ଼ାରେ
ସୁଖ ସେ ପାଇବ କାହୁଁ
ଭାଗ୍ୟ ଘରଟାକୁ ମାଡ଼ି ବସିଛନ୍ତି
ଶନି କେତୁ ଆଉ ରାହୁ
ଯୁଆଡେ ଚାହିଁଲେ ମରୁ ମରୀଚିକା
ସବୁଠି ନୀଳ ଜହର ।।

ସୁଖ ବୋଲି ଯାହା ଭାବୁରେ ମନୁଆ
ଦୁଃଖର କୁହୁଡ଼ି ଘର
ଆଗରେ ଦିଶୁଛି ଅଥଳ ସମୁଦ୍ର
ପଛରେ ମାୟା ଅନ୍ଧାର
ଭାଙ୍ଗି ଯିବ ଦିନେ ଗଢ଼ିଥିଲୁ ଯେଉଁ
ସପନର କାଚ ଘର ।।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## ଶରତ ଉଲ୍ଲାସ

*ସୁଜିତ ମିଶ୍ର*

ଭୀଷଣ ପ୍ରାବୃଟ ଗତେ ଆଗମନ ଶରତ ଉଲ୍ଲାସ ବେଳ,
ଲୁହ ପଖାଳିବା ଆଖିରେ ଶୋଭିତ ଲେଉଟାଣି ପ୍ରେମକାଳ ।
ଗଗନେ ଭାସଇ ବିଦଗ୍ଧ ବାଦଲ ଗୁଣୁଗୁଣୁ ଗୀତ ଗାଇ,
ନୀରବ ଓଠଟି ସରାଗ ଛୁଆଁରେ ନବୀନ ହସର ନଈ ॥

ପଥପ୍ରାନ୍ତେ ହସେ ଶୁଭ୍ର କାଶତଣ୍ଡୀ ପ୍ରବଣର ପ୍ରୀତିସୁରେ,
ଦେବୀ ଆଗମନ ପାଇଁ ତା ଅନ୍ତରୁ ଦିବ୍ୟ ଆବାହନୀ ଝରେ ।
ବିମଳ ସବୁଜ ପାଟ ପିନ୍ଧି ଦିଶେ ମନୋରମ ବସୁନ୍ଧରା,
ମନ ବିଥିକାରେ ପାଦପ ତନୁକୁ ପୋଛୁଥାଏ ଭାବଖରା ॥

ପ୍ରାଣପକ୍ଷୀ ଉଡେ ପାର୍ବଣ ପୀୟୂଷେ ପରିମଳ ଭକ୍ତିରସେ,
ଶାଗୁଆ କ୍ଷେତର ବୁକୁପରେ ଧୀରେ ସୁନେଲୀ ସକାଳ ହସେ ।
ସ୍ୱର୍ଗୀୟ ପ୍ରୀତିର ମାନ୍ଧିତ ଜଳରେ ଉଭାସଇ ସସାଗରା,
ମଉନରାଗର ଚିତ୍ରିତ ଅଙ୍ଗନେ ମନ କ୍ଷଣେ ମଧୁକ୍ଷରା ॥

ନିର୍ମଳ ଋତୁ ଏ ହୃଦ କନ୍ଦରରେ ଭରିଦିଏ ମିଠାଭାବ,
ନିରବଚ୍ଛିନ୍ନ ସେ ନୀରବ ନାଦରେ ନବନୀତ ବଇଭବ ॥

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

## ନିଜ ବାଟ ଖୋଜିବାକୁ ହେବ

*ସ୍ମିତା ପଣ୍ଡା*



ସବୁବେଳେ କା' ବାଟକୁ ଅନେଇଛୁ ?
ଆଗକୁ ଯିବୁ ତ
ଜଲ୍‌ଦି ଚାଲ
ନ ହେଲେ ସମୟ ଆସିବ
ତା' ଗାଡ଼ି ପଛରେ
ବାନ୍ଧି ଘୋଷାରି ନେବ
ଯୁଆଡ଼େ ଇଚ୍ଛା, ଯେମିତି ବି ଇଚ୍ଛା
ଶେଷରେ ବେଳ ଉଣ୍ଡି ପିଙ୍ଗି ଦେବ ଜୁଇ କାଠ
ଉପରକୁ ।

ସଙ୍ଗୀ କେହି ନାହିଁ ବୋଲି
ଭାବୁଛୁ କି ?
ଏକା ଏକା ଚାଲିବାକୁ ଡରି ଯାଉଛୁ କି ?
ତୁ ନିଜେ ସାଥୀ ତୋର
ନିଜ ହାତ ନିଜେ ଧର
ପାଦ ଉଠା,
ଯୁଆଡ଼େ ତୁ ପାଦ ରଖିବୁ

ସେ ଆଡ଼େ ରାସ୍ତା ଫିଟିଯିବ
କାଲି ଯଦି ପଛକୁ ଚାହିଁବୁ
ତୋ ପଛରେ ଧାଡ଼ି ଲମ୍ବି ଥିବ
ଅନେକ ଛାଇର ।

ସମୟଟା ସବୁଦିନ ଅମାନିଆଁ
କଥା କଥାକେ ମାରୁଥାଏ ଡିଆଁ
'ନାଇଁ ନାଇଁ ତୋ ସାଥେ ମୁଁ ଜମା ଯିବି ନାହିଁ'

ସିଏ ଜମା ନଗଲେ ନ ଯାଉ
ତୋର ଯିବାର ଅଛି ତ
ଡେରି କିଆଁ ଆଉ ?
ଏକ ମୁହାଁ ଚାଲ
ତତେ ପରା ନିଜବାଟ ଖୋଜିବାକୁ ହେବ,
ବହୁଦୂର ଯିବା ପାଇଁ ହେବ,
ସମୟକୁ ଟପିବାକୁ ହେବ ।

*ମୋ-୯୮୬୧୩୨୩୬୫୦*

## ଜଣାଥାଏ କି

*କମଳିନୀ ମଲ୍ଲିକ୍*

ଭଅଁରକୁ ଜଣାଥାଏ
କେଉଁ ବଗିଚାରେ ଫୁଲ ଫୁଟିଛି
ନଦୀକୁ ଜଣାଥାଏ
ସମୁଦ୍ରର ମୁହାଣ ନିକଟକୁ
କେଉଁ ଦିଗରେ ବାଟ ଫିଟିଛି ॥
ପକ୍ଷୀକୁ ଜଣାଥାଏ
କେଉଁ ଡାଳରେ
ବସା ବାନ୍ଧିବାକୁ ହୁଏ
ପତ୍ରକୁ ଜଣାଥାଏ
କେଉଁ ଋତୁରେ ଝଡି ଯିବାକୁ ଥାଏ ॥
ମୟୁରକୁ ଜଣାଥାଏ
ମେଘୁଆ ଆକାଶରେ
ବର୍ଷାର ରୋଷଣୀ
ଚକୋରୀକୁ ଜଣାଥାଏ
ରାତିର ନିରବ ଅନ୍ଧକାରରେ
ଶୁଣିବାକୁ ହେବ ବିରହ ରାଗିଣୀ ॥
କଇଁକୁ ଜଣାଥାଏ
ଜହ୍ନଟା ପକ୍ଷେ ମରି ପକ୍ଷେ ଜିଏଁ
ପଦ୍ମକୁ ଜଣାଥାଏ
ସୂର୍ଯ୍ୟର ପ୍ରଚଣ୍ଡ ତେଜକୁ
ସହିବାରେ ସୁଖ ଥାଏ ॥
ପିଠିକୁ ଜଣାଥାଏ
ଗୋଟେ ପାହାଡର ବୋଝକୁ
ବୋହିବାର ଦୁଃଖ
ଛାତିକୁ ଜଣାଥାଏ
ବିଶ୍ୱାସର ନଉକାକୁ
ବାହିବାର ସୁଖ ॥
ତୁମକୁ ଜଣାଥାଏ କି
ବଞ୍ଚିବା ପାଇଁ କେବଳ
ପ୍ରେମର ଅମୃତ ଟିକେ ଲୋଡାହୁଏ
ଜଣାଥାଏ କି
ପ୍ରତାରଣାର ଟୋପାଏ ବିଷ ବି
ବଂଚି ଥାଉ ଥାଉ
ପ୍ରତି ମୁହୂର୍ତ୍ତରେ ମାରୁଥାଏ ॥

*ଭୁବନେଶ୍ୱର*
*ମୋ-୯୮୫୩୫୨୩୮୮୩*

## ଝିଅ ପାଇଁ କେଉଁ ଗୀତ

*ଦେବାଶିଷ ଚକ୍ରବର୍ତ୍ତୀ*

**ପାଣିଝିଲ**
ଦୁଇ କୁଳ ହିତ ସାଧେ ବୋଲି ସିନା
ଦୁହିତା ଅଟଇ ନାଆଁ ତାହାର
ସେ ନଥିଲେ ଶୁଖି ଯାଆନ୍ତା ନାହିଁ କି
ପାଣିଝିଲ ଆମ ଛାତି ତଳର ?

**କ୍ରମ**
ଧରାର ଆଲୁଅ ଦେଖାଇଛି ଯିଏ
ସିଏ ତ ଅଟଇ ଝିଅ କାହାର
ତୁମ ଝିଅ ବି ତ ବୋହୂ ସାଜି ଦିନେ
ସଜାଡ଼ିବ ପୁଣି କାହା ସଂସାର ।

**ଉଲ୍ଲାସ**
ଛିଟଜାମା ପିନ୍ଧି ଝିଅଟିଏ ଯେବେ
ଘୂରି ବୁଲୁଥାଏ ଅଗଣା ସାରା
ଖୁସିର ଆଲୁଏ ଉଜ୍ଜୁଳି ଉଠେନି
କୁହନି କାହାର ମନ ବଖରା ?

**ସିନ୍ଦୂର**
ଅଳପ ବୟସେ ଝିଅଟିଏ ଯଦି
ଫେରଇ ସିନ୍ଦୂର ହଜେଇ ଦେଇ
ଲାଗେନି କି ତେବେ ଜୀବନ ଯେମିତି
ଦୁର୍ଭାବନାର ବଢ଼ିଲା ନଈ ?

**ଶଙ୍କା**
ଶାସ୍ତ୍ର ପୁରାଣ କହିଛନ୍ତି ସିନା
କନ୍ୟାକୁ ଅମୂଲ୍ୟ ରତନ ବୋଲି
ଅଥଚ ସେ ଆଖି ମେଲିବା ଆଗରୁ
ଦେଉନୁ କି ଆମେ ତାହାକୁ ଦଳି ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ମୋ-୯୪୩୭୭୫୨୩୯୫*

## ଅଦୃଶ୍ୟ ରାସ୍ତା

*ପ୍ରଣୀତା ମିଶ୍ର*



ରାସ୍ତା ତ ପ୍ରଶସ୍ତ ପରିବ୍ୟାପ୍ତ
ଲମ୍ବି ଦିଗରୁ ଦିଗନ୍ତ
ଲୋଡ଼ାଥିଲା ଶକ୍ତ ଦୁଇ ପାଦର
ଆତ୍ମ ବିଶ୍ୱାସର ସାହସର
ଅସୀମ ଧୈର୍ଯ୍ୟର
ଖାଲ ଢିପ ପଙ୍କିଳ ରାସ୍ତାରେ ଚାଲିବାର ।
ଧୀରେ ଧୀରେ ତ ଆସେ ବିଶ୍ୱାସ
ମମତା ବୋଳା ହାତର ଯାଦୁକରୀ ସ୍ପର୍ଶରେ
'ମୁଁ ଅଛି' ବୋଲି ଭରସାରେ
ଓଲଟିଯାଏ କ୍ୟାଲେଣ୍ଡରର ପୃଷ୍ଠା
ଶୈଶବରୁ କୈଶୋର
ପୁଣି ଆଦ୍ୟ ଯୌବନର ମାଦକତା
ଲମ୍ବା ଥାଏ କିନ୍ତୁ ରାସ୍ତା ।
ଚାଲିବାଟା ବି ଗୋଟେ କଳା
ବେଳେ ବେଳେ ଖସିଯାଏ ପାଦ
ଚାଲିଯାଏ ଅବାଟରେ ହୁଏ ବାଟବଣା
ହାତ ଧରିନିଏ କେବେ କେହି
କେବେ ହଜିଯାଏ ଅସ୍ତିତ୍ୱ ।
ପହିଲି ଫଗୁଣର ବାଆ ଛୁଇଁଯାଏ ତନୁ
ମନ ଖୋଜେ ସାଥିଟିଏ
ଚୁପି ଚୁପି କଥା ଭିଜା ଭିଜା ବାସ୍ନା
ମତୁଆଲା ହୁଏ ମନ
ଦିବସରେ ଦୃଶ୍ୟ ହୁଏ ସୁନେଲି ସପନ ।
ଚାଲିବାଟା ଲାଗେ ଆନନ୍ଦିତ
ଯେବେ ସାଙ୍ଗରେ ଥାଏ ସାଥି
ହାତରେ ହାତ କାନ୍ଧରେ କାନ୍ଧ ମିଳାଇ
ମୁହୂର୍ତ୍ତରେ ତାଡ଼ି ହୁଏ ପର୍ବତ
ଜୀବନଟା ଲାଗେ ସ୍ୱପ୍ନାୟିତ ।
ରାସ୍ତା ପୁଣି କେବେ ଲାଗେ ଦୁର୍ବିସହ
ପେଷି ହୁଏ ସଂସାର ଯନ୍ତ୍ରଣାରେ
ସଳଖି ହୁଏନା ଅଣ୍ଟା
ଏ ତ ଜୀବନର ଯାତ୍ରା
ଜନମ ଓ ମରଣ ଦୁଇଟି ଦିନର
ତା ମଧ୍ୟରେ ଅଦୃଶ୍ୟ ଏ ରାସ୍ତା ।
ଶେଷ ଦୃଶ୍ୟ ଦିଶେ ନାହିଁ
ରହେ ସଦା ଅଗୋଚର
ତଥାପି ଶିଥିଳ ପାଦରେ ଭରିଯାଏ ବଳ
ଚତୁଃପାର୍ଶ୍ୱ ଯେବେ ଥାଏ ଶସ୍ୟଶ୍ୟାମଳ
ମନ କହେ 'ଯିବ ବୋଲି ତ ନାଁ ଜୀବନ,
ଖୁସି ଖୁସି ଜିଇଁ ନେ ଆଜି ଦିନ'
ଉପରେ ସୁନୀଳ ଆକାଶ
ହସୁଥାନ୍ତି ହାତଠାରି ପ୍ରଭୁ ଜଗଦୀଶ ।

*ଭୁବନେଶ୍ୱର*

## ସ୍ମୃତିରେ ଶ୍ରାବଣ

*ବ୍ରହ୍ମମୟୀ ମିଶ୍ର*

ପ୍ରତିଶ୍ରୁତି ନୁହେଁ ସ୍ମୃତିର ମୋତିଟେ
ଦେଇ କି ପାରିବ ମୋତେ
ସେଇ ମୋତି ହାର ଗଳାରେ ଲମ୍ବାଇ
ଚାଲିବି ଜୀବନ ପଥେ ।
ସେଦିନ ଶ୍ରାବଣେ ଆସିଥିଲ ଯେବେ
ଆଞ୍ଜୁଳାରେ ପ୍ରୀତି ଭରି
ଆକାଶଟା ନୀଳ ଦିଶୁଥିଲା ବେଶି
ବାଦଲ ବକ୍ଷକୁ ଚିରି ।
ସବୁଜ ସମ୍ଭାରେ ହସୁଥିଲା ଧରା
ଦୂର ଦିଗ୍‌ବଳୟ ଛୁଇଁ
ସାତ ରଙ୍ଗ ବୋଳି ଇନ୍ଦ୍ରଧନୁଟିଏ
ଗଢି ଦେଇ ଗଲ କାହିଁ ।
ବୈଶାଖ ବହ୍ନିରେ ଜଳୁଥିଲା ଦେହ
ଶ୍ରାବଣ ଛୁଇଁଲା ଆସି
ଶୀତଳତା ଭରା ତା ମିଠା ନିଆଁରେ
ଆଙ୍କିଦେଲା ତାରକସି ।
ଆକାଶୀ ଝରଟା ଝରିପଡୁଥିଲା
ବିଜୁଳି ଚମକ ସାଥେ
କାଗଜ ନାଆଟା ଭାସିଯାଉଥିଲା
ଗୋଳିଆ ପାଣିର ସ୍ରୋତେ ।
ମନ ନଦୀ ଧାର ଉଛୁଳି ଉଠିଲା
ପାହାନ୍ତି ସ୍ୱପ୍ନଟେ ଦେଖି
ହୃଦୟ ତନ୍ତ୍ରୀରେ ମନ୍ଦ ଶିହରଣ
କବିତାଟେ ଗଲା ଲେଖି ।
ସ୍ନିଗ୍ଧ ବନାନୀର ମୁଗ୍ଧ ସମିରଣ
ମଳୟ ପରାୟେ ବାସେ
ଶ୍ରାବଣ ସ୍ମୃତିରେ ଶ୍ୟାମଳ ଅରଣ୍ୟ
ଅଳପ ଅଳପ ହସେ ।
ଗୋଧୂଳି ଲଗନେ ଅଭିମାନୀ ସନ୍ଧ୍ୟା
ମେଘ ଅନ୍ଧାରକୁ ଡରେ
ମାଟିର ନିଃଶ୍ୱାସ ଆକାଶ ଛାତିରେ
କେତେ ଯେ ଦରଦ ଭରେ ।
କାହାଣୀ ପୃଷ୍ଠାରେ କୁହୁକିନୀ ସାଜି
ଅଲିଭା ସ୍ୱାକ୍ଷର ଛାଡେ
ଶୋଭା ସୁଷମାର ଅପଢା ବହିଟେ
ଶବ୍ଦ କୋଷ ଖୋଜା ପଡେ ।
ସମୟ ସ୍ରୋତରେ ହଜିଛି ଶ୍ରାବଣ
ଲିଭିଛି ବରଷା ଧାର
ହେଲେ ସ୍ମୃତି ପଟେ ଆଜିବି ସାଇତା
ଅଧା ଲେଖା ଗୀତି ତାର ।

*ଜଗତସିଂହପୁର*
*ମୋ-୯୪୩୭୮୫୩୬୩୭*

## ଝାପ୍‌ସା ଅତୀତ

*ସାରଥି ପଣ୍ଡା*



ଆମେ ଦଳେ ଭୁଲିବାକୁ ଯାଉଛୁ;
ଭୁଲିବାକୁ ଯାଉଛୁ
ବିନା ବିଜୁଳି ଶକ୍ତିରେ
ଗ୍ରାମ୍ୟ ଜୀବନର ଚମକ
ବର୍ଷା ଭିଜା କାଦୁଅ ରାସ୍ତାରେ
ଛତା ଧରି
ମାଇଲ୍ ମାଇଲ୍ ଚାଲିବାର ମହକ
ଭାଟ-ଯୋଗୀଗୀତ-
ଯୋଡିମହୁରି-ସାହାନାଇ-
ନାଗରା ଓ କେନ୍ଦରା ସଙ୍ଗୀତ
ନିତିଦିନ ତେଲମାଖି ନଈ ଗାଧୁଆ-
ପହଁରିବା ସୁଖ
ଖରାଦିନ ସନ୍ଧ୍ୟାବେଳେ
ସପ କିବା ମଶିଣାରେ ବସି
ହଳଦି ଓ ନିମପତ୍ର ବଟା
ପରସ୍ପର ଦେହେଘଷିବା ସଉକ
ଅଣ୍ଡା-ମୁଣ୍ଡ ବିନ୍ଧା ବେଳେ
ମାଟି କଳସିରୁ
ନାନାବିଧ ସିଝାପତ୍ର ବାରଡହକ
ଆଣ୍ଠୁ ଗଣ୍ଠିବଥା ହେଲେ
ବୁଢୀ ମାଆ ବରାଦରେ ସେକ
ଆମେ ଦଳେ ଭୁଲିବାକୁ ଯାଉଛୁ
ମାଟି କାନ୍ଥ-ଛଣରେ ଛପର-ଆଟୁ-
ଦୋପାଖିଆ ମାଟିଚୁଲି-
ଲଣ୍ଠନ-ଡିବିରି-ମଶାଲ ଆଲୋକ
ଘରେ ଘରେ ତୁଳାସୂତ୍ର-ଦଉଡି ତିଆରି
ଝୋଟ-ଛଣି-ନଡିଆ କତାରେ-
ଶିକା ଓ ବାହୁଙ୍ଗୀ-
କୂଅ ତା'ଚାନ୍ଦିନୀ ଦାଣ୍ଡର ମଝିରେ-
ଫସଲକୁ ପାଣିବୁହା ଯନ୍ତ୍ର ଓ ଟେଣ୍ଡାରେ-
ବଳଦରେ ହଳ ଓ ପତୁଲି
ଢିଙ୍କିଶାଳ-ଶଗଡର ଚକ
ଝାପ୍‌ସା ହେଇ
ଧୀରେ ଧୀରେ ଲିଭୁଛି ଅତୀତ
ଏମିତି ବଦଳିଯାଏ
ଜୀବନ ଓ ସମାଜର ଚିତ୍ର
ମନୁଷ୍ୟର ମନ ଜାତ ଇଚ୍ଛା ପୂର୍ତ୍ତି ପାଇଁ-
ସୁଖର ସନ୍ଧାନେ
ବିବର୍ତ୍ତନ ଅଂଶ କିଛି
ଏଇମିତି ସମୟର ଡାକ ॥

*ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ*
*ଫୋନ୍-୭୦୦୮୮୨୩୬୦୬*

## ବାତ୍ୟା

*ନିରଞ୍ଜନ ସାହୁ*

ପ୍ରତିବର୍ଷ ବାତ୍ୟା ଓଡ଼ିଶାକୁ ଆସି
ଦେଖାଏ ଆମକୁ ଭୟ
ସେ ଭୟ ଭିତରେ ଜଗା ଭରସାରେ
ରହିବାଟା ନିଶ୍ଚେ ଥୟ ।

ବାରମ୍ବାର ଲଘୁଚାପ କ୍ଷେତ୍ର ସୃଷ୍ଟି
ବଙ୍ଗୋପସାଗରେ ହୁଏ
ଅଧିକ ଅଧିକ ଘନୀଭୂତ ହୋଇ
ସଙ୍କଟ ଆଣିକି ଥୁଏ
ବାତ୍ୟା ରୂପେ କୂଳ ଆଡ଼େ ମାଡିଆସେ
ତାହାଠାରେ ଥାଏ ଲୟ ।

ସରକାର ଦେଉଥିବା ସୂଚନାକୁ
ସମସ୍ତେ ଥାଆନ୍ତି ମାନି
ଅଧିକ ବିପଦ ବରଣ କରିବା
ଯଦି ଆମେ ମାନିବାନି
ବାତ୍ୟା କ୍ଷୟକ୍ଷତି ନକହିବା ଭଲ
ଚାରିଆଡ ଦୁଃଖମୟ ।

କାହିଁକି କେଜାଣି ପ୍ରତିବର୍ଷ ବାତ୍ୟା
ଦେଖାଏ ତାହାରି ଭାଉ
ବାତ୍ୟା ମନ କେବେ ଶାନ୍ତ ହୁଏନାହିଁ
କହେନା ଯିବିନି ଆଉ
ବଳଶାଳୀ ବୋଲି ଦାଦାଗିରି କରେ
ହୁଏ ବି ତାହାରି ଜୟ ।

ବାତ୍ୟା ଚାଲିଯାଏ ବାତ୍ୟାର ବାଟରେ
ମଣିଷ ସଜାଡ଼େ ଘର
ବାତ୍ୟା ବୁଝେନାହିଁ ମଣିଷର ଦୁଃଖ
କରିଦିଏ ହରବର
ବାତ୍ୟା କ୍ଷୟକ୍ଷତି ଭରଣା ନିମିତ୍ତ
ଅର୍ଥ ହୁଏ ଅପଚୟ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ସେହି ଚପଲ



### ନିର୍ବିକାର ପ୍ରଭାତ

ବାହାରେ ସାଣ୍ଡାଲ ହଳକ ରଖି ମନ୍ଦିର ଭିତରକୁ ପ୍ରବେଶ କଲା ସୁତପା । ଅନେକ ଦିନ ପରେ ଖୁସିରେ ଆସିଛି ମା'ଙ୍କୁ ପ୍ରଣାମ କରିବ । ଆଗରୁ ସେ ଦୁଃଖ ଜଣାଇବାକୁ ଆସୁଥିଲା ହେଲେ ଏବେ ଆସିଛି ସୁଖ ଜଣାଇବାକୁ । ଭଲ ପ୍ରସ୍ତାବରେ ଦୁଇ ପରିବାର ରାଜି ହୋଇଛନ୍ତି । ଅନେକଥର ଝିଅ ଦେଖାକୁ ସାମ୍ନା କରି କରି ସୁତପା ହାଲିଆ ହୋଇଯାଇଥିଲା । କେଉଁଠି ପୁଅ ପସନ୍ଦ ନହେଲେ କେଉଁଠି ଝିଅ ମନୋନୀତ ହୁଏ ନାହିଁ । କେତେବେଳେ ପୁଅ ଗେଡା ହୁଏ ତ କେତେବେଳେ ଝିଅ କଳା । କେଉଁଠି ପୁଅ ଘର ଦୂର ତ କେଉଁଠି ଝିଅ ଘର ବଡ । କେବେ କେମିତି ଇଣ୍ଟରଭ୍ୟୁ ଦେଇ ଚାକିରି ପାଇପାରୁନଥିବା ସୁତପା ବାରମ୍ବାର ବରଘର ପରିବାର ସାମ୍ନାରେ ସାକ୍ଷାତକାର ଦେଇ ଦେଇ ଅଣନିଶ୍ୱାସୀ ହୋଇଯାଇଥିଲା । ତାପରେ ଅତି ବିରକ୍ତ ହୋଇ ବାପା ମାଆ ଝିଅ ଦେଖା ପରମ୍ପରାକୁ କିଛି ବର୍ଷ ପାଇଁ ସ୍ଥଗିତ ରଖିଥିଲେ ।

ଘରପାଖରେ ପବ୍ଲିକ ସ୍କୁଲଟିଏ ଖୋଲା ହେଲା । ଘରେ ବସି ବୋର୍ ହେଉଥିବା ସୁତପା କେତୋଟି ସାଙ୍ଗଙ୍କ ପ୍ରେରଣାରେ ସେଠାକୁ ଯିବାକୁ ବାହାରିଲା । ଅନିଚ୍ଛାକୃତ ମାଆ ପ୍ରତିକ୍ରିୟା ଦେଲେ, 'ଘରେ ରନ୍ଧା ବଢାରେ, ସଫା ସୁତରରେ ସହଯୋଗ କରୁଥିଲୁ, ଏବେ ସେଠି କେତେ ଟଙ୍କା ଦେବେ ଯେ ତୁ ପାଠ ପଢାଇବାକୁ ଯିବୁ ?' ସୁତପା ଉତ୍ତର ଦେଲା, 'ମୁଁ ଟଙ୍କା ଆଶାରେ ଯାଉନି । କିଛି ଟିଚିଙ୍ଗ୍ ଏକ୍ସପେରିଏନ୍ସ ପାଇଁ ମୁଁ ଜଏନ୍ କରିବି । ସେଠୁ ଫେରିବା ପରେ ରୁଟି ତରକାରୀ କରିବା ଦାୟିତ୍ୱ ମୋର । ତୋ କାମ ମୁଁ ସାରିଦେବି । ତୁ ବ୍ୟସ୍ତ ହୁଅନା ।' ଚୁପ୍ ହୋଇଯାଇଥିଲେ ମାଆ ।

କିଛିମାସ ପରେ ପ୍ରସ୍ତାବଟେ ଆସିଲା । ବ୍ଲକଗ୍ରାଣ୍ଟ ସ୍କୁଲରେ ପୁଅ ଶିକ୍ଷକ । ସେପରି ସ୍କୁଲରେ ତିନି-ଚାରି ମାସରେ ଥରେ ଦରମା ଆସେ । ଅବସର ପରେ ପେନ୍‌ସନ୍ ନଥାଏ । ସେଥିପାଇଁ ଶିକ୍ଷକମାନେ ସାଇଡ୍ ବିଜିନେସ୍ କରି ଚଳିଥାନ୍ତି । ଯାହା ଅଭିଭାବକଙ୍କୁ ଈର୍ଷାନ୍ୱିତ କରେ । ସେମାନେ ଦେଖାଇ ଶିଖାଇ ଅନେକ ଟିପ୍ପଣୀ ପ୍ରଦାନ କରନ୍ତି । ଆଖିରେ ଆଉ କୌଣସି ପୁଅ ପ୍ରସ୍ତାବ ନଥିବାରୁ ବାପା ବହୁ କଷ୍ଟରେ ରାଜି ହେଲେ । ସ୍ୱେଚ୍ଛାସେବୀ ଶିକ୍ଷିକା ଭାବେ କାମ କରୁଥିବା ଅବୈତନିକ ସୁତପାକୁ ପୁଅ ପସନ୍ଦ କଲା । ଅନେକ ସ୍ଥାନରୁ ସମ୍ପର୍କ ଭାଙ୍ଗିଯିବା ପରେ ସୁତପା ମଧ୍ୟ କମ୍ପ୍ରମାଇଜ୍ କରିବାକୁ ବାଧ୍ୟ ହେଲା । ସେ ମନେମନେ ସ୍ଥିରକରି ନେଲା- ବିବାହ ପରେ ପବ୍ଲିକ୍ ସ୍କୁଲ ପିଲାଙ୍କୁ ଟିଉସନ୍ କରି ସ୍ୱାମୀଙ୍କୁ ଆର୍ଥିକ ସାହାଯ୍ୟ କରିବ । ନିଜର ହାତ ଖର୍ଚ୍ଚ ପାଇଁ କାହାକୁ ହାତ ପାତିବାକୁ ପଡିବନି । ବାପା ମାଆ ସୁତପା କଥାରେ ରାଜି ହୋଇଗଲେ ।

ମାଆଙ୍କ ନିର୍ଦ୍ଦେଶରେ ସେ ଠାକୁରାଣୀଙ୍କ ପାଖକୁ ଆସିଛି । ଖରା ହେଉଥିବାରୁ ସଫ୍ଟ ସାଣ୍ଡାଲ ହଳକ ପିନ୍ଧି ମନ୍ଦିରକୁ ଆସିଥିଲା । ମନ୍ଦିର ସାମ୍ନାରେ ଥୋଇ ଦେବୀ ଦର୍ଶନ କଲା । କେତେଟା ମୁହୂର୍ତ୍ତ ପରେ ବାହାରକୁ ଆସି ଦେଖେ ତ ତାର ନୂଆ ସାଣ୍ଡାଲ ହଳକ ସେଠାରେ ନାହିଁ । ସେ ଚପଲ ଖୋଜି ଖୋଜି ନୟାନ୍ତ ହେଲା । ଚପଲ ହଳକୁ କିଏ ଜାଣତରେ କି ଅଜାଣତରେ ନେଇଯାଇଛି । ମନ ଦୁଃଖ କଲା ସୁତପା । ବାନ୍ଧବୀ ବତାଇଥିବା ସୂତ୍ର ଆପଣାଇ ଥିଲେ ହୁଏତ ଚପଲ ଚୋରି ହୋଇନଥାନ୍ତା । ସାଙ୍ଗ କଥାରେ ଚପଲ ହଳକରୁ ପଟେ ଠାଏ ରଖି ଆରପଟଟା ଅନ୍ୟ ଦୂର ସ୍ଥାନରେ ରଖିଥିଲେ ଚପଲ ସୁରକ୍ଷିତ ରହିପାରିଥାନ୍ତା ।

ଗ୍ରୀଷ୍ମକାଳୀନ ଖରାରେ ଉତ୍ତପ୍ତ ରାସ୍ତା । ଗାଢ କଳା ରଙ୍ଗର ପିଚୁ ଉପରେ ଚାଲିବା କଷ୍ଟକର । ମଝିରେ ମଝିରେ କଂକ୍ରିଟ ଢଳେଇ ପାଦ ତଳକୁ ସିଝେଇ ଦବ । ସୁତପାର କୋମଳ ପାଦ ଝାଞ୍ଜି ଖରାର ହୁତାଶନକୁ ସହିପାରିବନି । ଘରକୁ ଫୋନ୍ କରି ଡାକିଲେ ବାପା ଗାଡି ନେଇ ଆସିପାରିଥାନ୍ତେ କିନ୍ତୁ ଦୁର୍ଘଟଣାରେ ତାଙ୍କର ଗୋଡ ଗୋଟେ ଅକର୍ମଣ୍ୟ । ତାଙ୍କର ସାହାରା ନ ଖୋଜି ସିଏ କୌଣସି ମତେ ଘରକୁ ଫେରିଲା ।

ବିଳମ୍ବରେ ପହଞ୍ଚିଥିବାରୁ ମାଆ ବିରକ୍ତ ହେଲେ, କିନ୍ତୁ ଚୁପ୍ ରହିଲେ । ଆଉ କେତେଦିନ ଭୁଆଷୁଣୀ ଝିଅଟିକୁ ଆଘାତ ଦେବେ ? ବାରମ୍ବାର ଇଣ୍ଟରଭିଉରେ ଫେଲ୍ ହେବା ପରେ ଏବେ ଦୂର ସ୍ଥାନରେ ବିଭାଘର ସ୍ଥିର ହୋଇଛି । ଖାଲି ବନ୍ଧୁବାନ୍ଧବଙ୍କ ଆଗରେ ମୁଦି ପିନ୍ଧା ସରିଲେ ଶୁଭ ବିବାହ ଅନୁଷ୍ଠିତ ହେବ । ଝିଅକୁ ଦୂରେଇ ଦବା ଦୁଃଖ ମାଆଙ୍କୁ ବିବ୍ରତ କରୁଥିଲା ।

ସନ୍ଧ୍ୟାର ଦୀପ ପ୍ରଜ୍ୱଳନ କରି ସୁତପା ମାଆଙ୍କ ପାଖରେ ବସି ପ୍ରାର୍ଥନା କଲା । ଯାହା ଭଲ ହେବ ତାହା ହିଁ ହେଉ । ଏତିକି ମାଗୁଣି କରି ସୁତପା ଉଠିଲା । ଠିକ୍ ସେହି ସମୟରେ ମଧ୍ୟସ୍ଥି ଫୋନ୍ କଲେ । ପୁଅଘର ଆସନ୍ତା ସପ୍ତାହରେ ମୁଦି ପିନ୍ଧାଇବାକୁ ଆସିପାରିବେନି ! ଏଥିରେ ବ୍ୟସ୍ତ ହେଲେ ସୁତପା ପରିବାର । 'ଯାହାକୁ ସାପ କାମୁଡେ, ତା' ମାଆ ପାଳ ଦଉଡି ଦେଖିଲେ ଡରେ' । ମନକୁ ତାଙ୍କର ଅନେକ ଅଶୁଭ କଥା ମାଡି ଆସିଲା । ଈଶ୍ୱରଙ୍କୁ ଡାକି ଡାକି ସେ ଧୈର୍ଯ୍ୟ ସଂଗ୍ରହ କଲେ ।

ସପ୍ତାହ ପରେ ବାପା ମଧ୍ୟସ୍ଥି ପାଖକୁ ଫୋନ୍ ଲଗାଇଲେ । ସେ ଉତ୍ତର ଦେଲେ, 'ପୁଅର ଚାକିରିରେ କ'ଣ ଗୋଟେ ସମସ୍ୟା ସୃଷ୍ଟି ହୋଇଛି । ସେମାନେ ଏ ପ୍ରସ୍ତାବରେ ରାଜି ନୁହଁନ୍ତି । ଆପଣ ଅଲଗା ପ୍ରସ୍ତାବ ଦେଖନ୍ତୁ ।' ବାପାଙ୍କ ମୁଣ୍ଡ ବୁଲାଇ ଦେଲା । ମାଆ ହେଙ୍କା ଉଠାଇ କାନ୍ଦିଲେ । ସାନଭାଇ କହିଲା, 'କିଏ କେତେ ଲଭ୍ ମ୍ୟାରେଜ୍ କରୁଛି । ସୁପାଦି' ସେତକ ହେଲେ କରିଥାନ୍ତା ! ଆମେ ଏ ବାହାଘର ଝିନ୍‌ଝଟ୍‌ରେ ପଡିନଥାନ୍ତୁ । ତାଠାରୁ ସାନ ଝିଅମାନେ ନିଜ ଇଚ୍ଛାରେ ଜାତି ଅଜାତି ନମାନି ପର ଘରକୁ ଚାଲିଯାଇଛନ୍ତି । ଦେଈର ସେ ସାହସ ନାହିଁ ।' ସୁତପାକୁ ବାଧିଲା । ପରିବାରର ସମ୍ମାନ ହାନି ନକରି ସେ ଉଚ୍ଛୃଙ୍ଖଳ ହୋଇନାହିଁ । ଅନ୍ୟ କେହି ବାଡ ଡେଇଁ ଫସଲ ଖାଇଲା ବୋଲି ସେ ତା ଭାଇ ଆଖିରେ ଅପାରଗ । ସେ ଭାଗ୍ୟବାଦୀ ସହିତ ଆଶାବାଦୀ । ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେବା ଜଣେ ସମଝଦାର ଯୁବତୀର ଲକ୍ଷଣ ନୁହେଁ । ଯେତେ କଷ୍ଟ ହେଲେ ବି ସେ ବାସ୍ତବତାକୁ ଗ୍ରହଣ କରିବ ।

ସୁତପା ସ୍କୁଲରେ କର୍ତ୍ତବ୍ୟ ସମ୍ପାଦନ କଲା । ଘରୋଇ ବିଦ୍ୟାଳୟ ପରିଚାଳନା କମିଟିର ରୋଜଗାର ଯେତେ ଥିଲେ ବି ସେମାନେ ସୁତପାକୁ ପାରିଶ୍ରମିକ ଦେବାକୁ କୁଣ୍ଠାବୋଧ କରୁଥିଲେ । ଅନ୍ୟ କର୍ମଚାରୀମାନଙ୍କୁ ଅଧକ୍ଷ କିଛି କିଛି ଟଙ୍କା ଦେବାରୁ ଲାଜ ସରମ ପରିତ୍ୟାଗ କରି ସେ ମାଗିବାରୁ ତାକୁ କିଛି ଅନୁକମ୍ପା ପ୍ରଦାନ କରାଗଲା ।

କିଛିଦିନ ପରେ ଜଣେ ଗୁରୁଦେବଙ୍କ ପାଖରେ ସୁତପାକୁ ନେଇ ବାପା ପହଞ୍ଚିଲେ । ସେ ଭାଗ୍ୟ ଭବିଷ୍ୟତ ଉପରେ କିଛି କିଛି ମନ୍ତବ୍ୟ ଦେଇ ପ୍ରତିକାର ବ୍ୟବସ୍ଥା କରୁଥିଲେ । ଗୁରୁଦେବ ପଚାରିଲେ, 'ଝିଅଟି ବୋଧହୁଏ କୋଉଠି କିଛି ଭୁଲ୍ କରି ଦେଇଛି କି ? ଯାହାଦ୍ୱାରା ଅନ୍ୟର ଦୁର୍ଭାଗ୍ୟକୁ ଭୁଲ୍‌ରେ ଆପଣାଇଛି ....।' ଗୁରୁଙ୍କ କଥା ଶେଷ ହେବା ପୂର୍ବରୁ ସୁତପା ସ୍ୱୀକାର କଲା । ଗ୍ରୀଷ୍ମ ଋତୁର ତପ୍ତ ମଧ୍ୟାହ୍ନରେ ନିଜ ସାଣ୍ଡାଲ ହରାଇ ଆଉ ହଳେ ଚପଲ ପିନ୍ଧି ମନ୍ଦିରରୁ ଘରକୁ ଫେରିଥିଲା । ସେଇଟା ହିଁ ଥିଲା ତାର ଭୁଲ୍ । ତାହା ହିଁ ଥିଲା ତାର ଦୁର୍ଭାଗ୍ୟର ଆମନ୍ତ୍ରଣ । କଷ୍ଟ ସହି ଖାଲିପାଦରେ ସେ ଫେରିଥିଲେ ବିଭାଘର ଭାଙ୍ଗି ନଥାନ୍ତା । କିନ୍ତୁ ଠାକୁରାଣୀଙ୍କ ଇଚ୍ଛାରେ ସୁତପା ଭୁଲ୍ କରି ବସିଲା । ଏପରିକି ତାର ଦୁର୍ଭାଗ୍ୟଟାକୁ ସୌଭାଗ୍ୟରେ ପରିଣତ କରିବାକୁ ଠାକୁରାଣୀଙ୍କ ଉଦ୍ଦେଶ୍ୟ ହୋଇପାରେ । କେବେବି କାହାକୁ ନିଜର ପିନ୍ଧା ଚପଲ ପ୍ରଦାନ କରିବା ଉଚିତ୍ ନୁହେଁ କି କାହାର ବ୍ୟବହୃତ ବସନ ପିନ୍ଧିବା ଉଚିତ୍ ନୁହେଁ । ଏଥିରେ ଉଭୟଙ୍କର ଅମଙ୍ଗଳ ହେବାର ଆଶଙ୍କା ଥାଏ । କଳା ରଙ୍ଗର ନୂଆ ଚପଲ ହଳେ କେଉଁ ଏକ ନିମ୍ନ ସ୍ତରର ମଣିଷକୁ ପିନ୍ଧାଇ ନବଗ୍ରହ ପୂଜା କଲେ ଭଲ ସମୟ ଆସିବ । ବିଶ୍ୱାସ ଓ ଭରସାର ଭକ୍ତି ଶୁଭଫଳ ପ୍ରଦାନ କରିଥାଏ ।

ଆଉ ଅଧିକ ବିଳମ୍ବ ନକରି ସୁତପା ସ୍କୁଲରୁ ଛୁଟି ନେଇ ପିତା ମାତାଙ୍କ ସହିତ ନବଗ୍ରହ ପୂଜା ଶେଷ କଲା । ହଳେ କଳା ରଙ୍ଗର ନୂଆ ଚପଲ କିଣି ସୁତପା ଜଣେ ଭିକ୍ଷୁକକୁ ଦେଇ ଘରକୁ ଫେରିଲା ।

ଦୁଇ ମାସ ପରେ ପୂର୍ବର ସେହି ମଧ୍ୟସ୍ଥି ଫୋନ୍ କଲେ । ବାପା ଗୁରୁତ୍ୱ ଦେଲେନାହିଁ । ନିଜର ବଢିଲା ଝିଅ ଠାରୁ ସାନମାନେ ଘର ସଂସାର କଲେଣି । ମାଆ ବ୍ୟସ୍ତ ହେଉଥାନ୍ତି । ଝିଅ ଅଧିକ ପାଠୋଇ ହେଲେ କି ଅଧିକ ବୟସ୍କା ହେଲେ ଜ୍ୱାଇଁ ମିଳିବା କଷ୍ଟକର କଥା । ମାଆ କଲ୍ ବ୍ୟାକ୍ କଲେ ।

-'ରିହାବିଲେସନ୍ ସ୍କିମ୍‌ରେ ବାପା ପୋଷ୍ଟ ପାଇ ପିଅନ ଚାକିରି କରିଥିବା ଗୋଟେ ପ୍ରସ୍ତାବ ଅଛି । ଅନୁମତି ଦେଲେ ସେ ଆସିବେ ।' ସେପଟୁ ସମ୍ବାଦ ଆସିଲା । ମାଆ ବାପାଙ୍କ ବିନାନୁମତିରେ ସମ୍ମତି ଦେଲେ ।

ନିର୍ଦ୍ଧାରିତ ଦିନ କୁଣିଆ ଆସିଲେ । ଜ୍ୱାଇଁ ପ୍ରାର୍ଥୀଙ୍କ ଶାରୀରିକ ଗଠନ ସେତେଟା ଆକର୍ଷଣୀୟ ନଥିଲେ ବି କଦାକାର ନଥିଲା । ସୁତପା ସାକ୍ଷାତକାରରେ ଅନେକ ପ୍ରଶ୍ନର ସାମ୍ନା କଲା । ହେଲେ ମୁହଁଟେକି କାହାକୁ ଚାହିଁନଥିଲା କାରଣ ଏ ପ୍ରସ୍ତାରେ କୌଣସି ଗ୍ୟାରେଣ୍ଟି ନାହିଁ । ହବା ନହବା ବିଧିର ବିଧାନ । ଈଶ୍ୱରଙ୍କ ଆଶୀର୍ବାଦ । ଆବଶ୍ୟକ ଠାରୁ ଅଧିକ ବଡ ସ୍ୱପ୍ନରେ ବୁଡିଯିବା ଏଣିକି ହାସ୍ୟାସ୍ପଦ କଥା ହେବ । ସେ ଉଚ୍ଚ ଶିକ୍ଷିତା, ପରିପକ୍ୱ ମସ୍ତିଷ୍କର ଯୁବତୀ । ସଂସାରର ଭଲମନ୍ଦ ଜାଣିବାର ଦକ୍ଷତା ତାର ଅଛି । ଘରର ଭଲ ପାଇଁ କାହା ସହିତ ତାର କମ୍ପ୍ରମାଇଜ୍ କରିବାକୁ ପଡିବ । ଝିଅ ଦେଖା କିଛି ଟଙ୍କା ପାଇ ଘର ଭିତରକୁ ଗଲା ସୁତପା । ଅତିଥି ଚର୍ଚ୍ଚା ପରେ ନୂଆବନ୍ଧୁ ଘରୁ ବିଦାୟ ନେଲେ ।

ଅନେକ ଦିନ ପର୍ଯ୍ୟନ୍ତ ସେପାଖରୁ କୌଣସି ଶୁଭ ସୂଚନା ଆସିଲା ନାହିଁ । କିଛି ଗୋଟେ ଖରାପ ବାର୍ତ୍ତା ଆସିବା ଆଶଙ୍କାରେ ମଧ୍ୟସ୍ଥି ପାଖକୁ ସୁତପା ବାପା ଫୋନ୍ କଲେନାହିଁ ।

ଦିନେ ଦିଦିନ ପରେ ଭାରାକ୍ରାନ୍ତ ପରିବାର ପାଖକୁ ଫୋନ୍ ଆସିଲା । ପୁଅଘର ସୁତପାକୁ ପସନ୍ଦ କରିଛନ୍ତି । ଖୁସିରେ ବାପା କଥାବାର୍ତ୍ତା ଲମ୍ବାଇ ଦେଲେ । ମଧ୍ୟସ୍ଥି ଜଣକ ଘଟସୂତ୍ର କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା । ତାଙ୍କ ସହିତ ଅଧିକ ଘନିଷ୍ଠ ହେବାକୁ ଆଲୋଚନାକୁ କ୍ରମଶଃ ବୃଦ୍ଧି କଲେ । ଅନେକ ସମୟ କଥାବାର୍ତ୍ତା ପରେ ମଧ୍ୟସ୍ଥି କହିଲେ, 'ଆଗ ପ୍ରସ୍ତାବର ବ୍ଲକଗ୍ରାଣ୍ଟ ଶିକ୍ଷକ ଜଣକ ସ୍କୁଲ ସେକ୍ରେଟାରୀକୁ ପୋଷ୍ଟ ଆପ୍ରୁଭ୍ ପାଇଁ ଲକ୍ଷେ ଟଙ୍କା ନଦେବାରୁ ସେ ଆଉ ଜଣକୁ ତା ପୋଷ୍ଟରେ ଭର୍ତ୍ତି କରିଦେଲା । ପୁଅ ଏବେ ଘରେ ବେକାର ହୋଇ ବସିଛି ।' ସୁତପା ସବୁ ଶୁଣି କୌଣସି ପ୍ରତିକ୍ରିୟା ପ୍ରକାଶ କଲାନାହିଁ । ଠାକୁରାଣୀଙ୍କୁ ସୁମରଣା କରି ଯାହା ତାଙ୍କରି ଇଚ୍ଛା ଭାବି ନୂତନ ସୂର୍ଯ୍ୟର ଆଭା ଦେଖିବାକୁ ସୁତପା ନୀରବ ରହିଲା ।

ପରଦିନ ଠାକୁରାଣୀଙ୍କ ପାଖକୁ ସୁତପା ଗଲା । ମନ୍ଦିରରେ ମାଆଙ୍କୁ ଦର୍ଶନ କରି ଫେରିବା ବେଳେ ସେଦିନର ସେହି ପୁରୁଣା ଚପଲ ହଳକୁ ଦେଖିଲା । କିଏ ଜଣେ ସେହି ଚପଲ ହଳକୁ ଆଣି ମନ୍ଦିର ବେଢାରେ ଫିଙ୍ଗି ଦେଇଛି । ଦଶଟା ଦୋକାନ ବୁଲି ପସନ୍ଦ କରି କିଣିଥିବା ଦାମିକା ସାଣ୍ଡାଲ ପ୍ରତି ସୁତପାର ସାମାନ୍ୟ ମୋହ ଆସିଥିଲା । ପୂର୍ବର ସବୁ ପ୍ରସ୍ତାବଗୁଡିକୁ ଭୁଲିଯିବା ଭଳି ସୁତପା ନିଜର ପ୍ରଥମ ରୋଜଗାରରେ କିଣିଥିବା ହୃତ ଚପଲକୁ ଭୁଲିବାକୁ ଚେଷ୍ଟା କଲା ।

*ହାପିକଲୋନୀ, ଗୋପ, ପୁରୀ*
*ମୋ-୭୯୭୮୬୩୫୨୭୬*

# ଏସୀୟ କ୍ରୀଡ଼ା : ମନୁଷ-ଦିୟା ହାତେଇଲେ ଟିଟି କାଂସ୍ୟ

**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ଟେବୁଲ ଟେନିସ୍ (ଟିଟି) ଯୋଡ଼ି ମନୁଷ ଶାହ ଓ ଦିୟା ଚିତାଲେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୦-୪ (୮-୧୧, ୫-୧୧, ୮-୧୧, ୨-୧୧)ରେ ଚୀନ୍‌ର ସୁନ୍ ୟିଙ୍ଗଶା ଓ ୱାଙ୍ଗ ଚୁକ୍ୱିନ୍‌ଙ୍କଠୁ ହାରିଯାଇଥିଲେ। ଏଥିସହ ମନୁଷ ଓ ଦିୟା ଦ୍ୱିତୀୟ ଭାରତୀୟ ମିଶ୍ରିତ ଯୁଗଳ ଯୋଡ଼ି ଭାବେ ଏସୀୟ କ୍ରୀଡ଼ାରେ ପଦକ ଜିତିବାର ଗୌରବ ପାଇଛନ୍ତି। ପୂର୍ବରୁ ଶରତ କମଲ ଓ ମନିକା ବାତ୍ରା ୮ ବର୍ଷ ତଳେ ଜାକର୍ତ୍ତାରେ କାଂସ୍ୟ ଜିତିଥିଲେ। ଶୁକ୍ରବାର ସକାଳେ କ୍ୱାର୍ଟର ଫାଇନାଲ୍‌ରେ ମନୁଷ ଓ ଦିୟା ୩-୧ (୧୧-୬, ୧୩-୧୫, ୧୧-୯, ୧୧-୫)ରେ ବିଶ୍ୱର ୪ ନମ୍ବର ହଂକଂ ଯୋଡ଼ି ୱୁ ହୋଇ କେମ୍ ଓ ୱଙ୍ଗ ଚୁନ୍ ତିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ।

ପୁରୁଷ ଏକକରେ ମନୁଷ ୪-୦ରେ ଇରାନର ବେନ୍ୟାମିନ ଫରାଜିଙ୍କୁ ଏବଂ ମହିଳା ଏକକରେ ଯଶସ୍ୱିନୀ ଘୋରପଡ଼େ ୪-୧ରେ ସିରିଆର ହେଣ୍ଡ ଜାଜାଙ୍କୁ ହରାଇ ରାଉଣ୍ଡ ୧୬ରେ ପହଞ୍ଚିଛନ୍ତି।



# ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଲେ କମଲଜିତ୍-ସୁରୁଚି

## ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଦଳକୁ ରୌପ୍ୟ

**ଆଇଏନଏସ**



ଚଳିତ ଏସୀୟ କ୍ରୀଡ଼ାରେ ଶୁକ୍ରବାର ବନ୍ଧୁକଚାଳନାରୁ ଭାରତକୁ ଯୁଗଳ ଖୁସି ମିଳିଛି। ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଯୋଡ଼ି କମଲଜିତ ଓ ସୁରୁଚି ସିଂହ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ୍ ଦଳକୁ ରୌପ୍ୟ ମିଳିଛି। ଚଳିତ ଏସୀୟ କ୍ରୀଡ଼ା ବନ୍ଧୁକ ଚାଳନାରେ ଭାରତର ପ୍ରଥମ ଏବଂ ମୋଟ ଉପରେ ଦ୍ୱିତୀୟ ସ୍ୱର୍ଣ୍ଣ। ପୂର୍ବରୁ ମହିଳା କ୍ରିକେଟ୍ ଦଳ ଭାରକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲା।

ବ୍ୟକ୍ତିଗତ ବର୍ଗରେ ନିରାଶ ହୋଇଥିବା କମଲଜିତ ଓ ସୁରୁଚି ଶୁକ୍ରବାର ମିଶ୍ରିତ ଯୁଗଳରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ୪ ଜଣିଆ ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି (୪୮୪.୬ ସଟ୍) ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। ପୂର୍ବରୁ ଏସୀୟ ରେକର୍ଡ ଉଜବେକିସ୍ତାନର ମୁଖାମ୍ମଦ କାମାଲେଭା ଓ ନିଗିନା ସୟଦକୁଲୋଭା (୪୮୧.୩)ଙ୍କ ନାମରେ ଥିଲା। ଭାରତୀୟ ଯୋଡ଼ିଙ୍କଠୁ ୬.୬ ସଟ୍ ପଛରେ ରହି ଦକ୍ଷିଣ କୋରିଆର ସୁହିଓନ୍ ହଙ୍ଗ ଓ ଜାଏଉନ୍ ଚୋ (୪୭୮.୦) ରୌପ୍ୟ ଜିତିଥିଲେ। ଇରାନର ବାହିଦ ଗୋଲଖାନ୍ଦନ ଓ ହାନିୟେ ରୋଷ୍ଟାମିୟାଁ (୪୧୫.୮) କାଂସ୍ୟ ଜିତିଥିଲେ।

ଯୋଗ୍ୟତା ପର୍ଯ୍ୟାୟରେ କମଲଜିତ ଓ ସୁରୁଚି ୫୮୭ (୨୯ ଇନର ୧୦ଏସ୍) ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏଥିରେ ମଧ୍ୟ ଏହି ଭାରତୀୟ ଯୋଡ଼ି ନିଜ ଦେଶର ସରବଜୋତ ସିଂହ ଓ ଦିବ୍ୟା ସୁବାରାଜୁ (୫୭୭)ଙ୍କ ନାମରେ ଥିବା ଏସୀୟ କ୍ରୀଡ଼ା ଯୋଗ୍ୟତା ପର୍ଯ୍ୟାୟ ରେକର୍ଡ ଭାଙ୍ଗିଥିଲେ। ସରବଜୋତ ଓ ଦିବ୍ୟା ୨୦୨୩ ହାଙ୍ଗ୍‌ଝେରେ ଏହି ରେକର୍ଡ କରିଥିଲେ। କମଲଜିତ ଓ ସୁରୁଚି ମଧ୍ୟ ୨୦୨୧ରେ ସୌରଭ ଚୌଧୁରୀ ଓ ମନୁ ଭାକରଙ୍କ ଏସୀୟ ରେକର୍ଡର ସମକକ୍ଷ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଇରାନ (୫୮୪), କୋରିଆ (୫୮୨) ଓ ଇଣ୍ଡୋନେସିଆ (୫୮୦) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହି ଭାରତ ସହ ପଦକ ଦୌଡ଼ରେ ସାମିଲ ହୋଇଥିଲେ।

୫୦ ମିଟର ରାଇଫଲ ୩ ପୋଜିସନ୍‌ରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର, ରୁଦ୍ରାକ୍ଷ ପାଟିଲ ଓ ନୀରଜ କୁମାରଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୬୨ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲା। ଚୀନ୍ (୧୭୬୬) ସ୍ୱର୍ଣ୍ଣ ଓ କୋରିଆ (୧୭୫୧) କାଂସ୍ୟ ପାଇଥିଲେ। ତୋମାର (୫୮୯) ଓ ନୀରଜ (୫୮୮) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ବ୍ୟକ୍ତିଗତ ଫାଇନାଲ୍‌ରେ ପହଞ୍ଚିଛନ୍ତି। ରୁଦ୍ରାକ୍ଷ (୫୮୫) ନବମ ସ୍ଥାନରେ ରହି ଫାଇନାଲ୍‌ରୁ ଅଳ୍ପକେ ବଞ୍ଚିତ ହୋଇଥିଲେ।

# ଏସୀୟ କ୍ରୀଡ଼ା : ଭାରତୀୟ କ୍ରୀଡ଼ାବିତ୍‌ଙ୍କ ସହାୟତା ପାଇଁ ସୁବିଧା ବୃଦ୍ଧି କଲା ସାଇ

**ଆଇଏନଏସ-ନାଗୋୟା**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏସୀୟ କ୍ରୀଡା ୨୦୨୬ରେ ଭାରତୀୟ ଦଳ ପାଇଁ ଗ୍ରାଉଣ୍ଡ ଲଜିଷ୍ଟିକାଲ୍ ଏବଂ ଖେଳାଳି ସମର୍ଥନକୁ ମଜଭୁତ କରିଛି। ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାଇ ଦ୍ୱାରା ଅନେକ ବ୍ୟବସ୍ଥା କରାଯାଇଛି। ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ଆଗମନକୁ ସୁଗମ କରିବା ପାଇଁ ବିମାନବନ୍ଦରରେ ଏକ ଉତ୍ସର୍ଗୀକୃତ ସ୍ୱାଗତ ଏବଂ ସହାୟତା ଦଳ ନିୟୋଜିତ କରାଯାଇଛି। ଏଥିରେ ଭାରତୀୟ ଅଲିମ୍ପିକ୍ ସଂଘ, ସାଇ ଏବଂ ଜାପାନରେ ଥିବା ଭାରତୀୟ ଦୂତାବାସର ପ୍ରତିନିଧିମାନେ ସାମିଲ ଅଛନ୍ତି। ଦଳ ଅତିଥି ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କୁ ସ୍ୱାଗତ କରୁଛି ଏବଂ ଆଗମନ ଆନୁଷ୍ଠାନିକତାରେ ସହାୟତା କରୁଛି। ଖେଳାଳିମାନଙ୍କୁ ଜଳଖିଆ ଏବଂ ସ୍ଥାନ ଏବଂ ରହଣି ସ୍ଥାନକୁ ଯାତ୍ରା ପାଇଁ ଆବଶ୍ୟକ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯାଉଛି। ଭାରତୀୟ ଦଳର ସୁବିଧା ପାଇଁ ସାଇ ମଧ୍ୟ ଅନେକ ଅତିରିକ୍ତ ବ୍ୟବସ୍ଥା କରିଛି। ଭାରତୀୟ ବନ୍ଧୁକଚାଳକମାନଙ୍କ ପାଇଁ ପ୍ରତିଯୋଗିତା ସ୍ଥଳକୁ ଯିବା ଆସିବା ପାଇଁ ପରିବହନର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ, ଡାକ୍ତରୀ ଦଳର ଗତିବିଧିକୁ ସୁଗମ କରିବା ପାଇଁ ଯାନବାହାନର ବ୍ୟବସ୍ଥା କରାଯାଇଛି ଯାହା ଦ୍ୱାରା ଡାକ୍ତରୀ ଦଳ ସହଜରେ ବିଭିନ୍ନ ପ୍ରତିଯୋଗିତା ସ୍ଥାନ ମଧ୍ୟରେ ଯାଇପାରିବେ ଏବଂ ଆବଶ୍ୟକ ସମୟରେ ଖେଳାଳିମାନଙ୍କୁ ସମୟୋଚିତ ଚିକିତ୍ସା ସହାୟତା ପ୍ରଦାନ କରିପାରିବେ। ଆୟୋଜକ ସମିତିରୁ ସୀମିତ ଆବାସ ଉପଲବ୍ଧ ହେତୁ ସ୍ଥାନ ପାଇପାରୁନଥିବା କୋଚ୍ ଏବଂ ସହାୟକ କର୍ମଚାରୀଙ୍କ ପାଇଁ ସାଇ ଅତିରିକ୍ତ କଠୋରି ମଧ୍ୟ ବ୍ୟବସ୍ଥା କରିଛି। ସାଇ ଭାରତୀୟ ଅଲିମ୍ପିକ୍ ସଂଘ, ଜାପାନରେ ଥିବା ଭାରତୀୟ ଦୂତାବାସ ଏବଂ ଏସୀୟ କ୍ରୀଡ଼ା ଆୟୋଜକ କମିଟି ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଦଳକୁ ଲଜିଷ୍ଟିକାଲ୍, ମେଡିକାଲ୍ ଏବଂ ଅନ୍ୟାନ୍ୟ ପରିଚାଳନା ସହାୟତା ପ୍ରଦାନ କରିବା ଯାହା ଦ୍ୱାରା ଆଥଲେଟ୍‌ମାନେ ଏସୀୟ କ୍ରୀଡ଼ା ସମୟରେ କେବଳ ସେମାନଙ୍କ ଇଭେଣ୍ଟ ଉପରେ ଧ୍ୟାନ ଦେଇପାରିବେ।

# ଜାପାନକୁ ୩-୧ ଗୋଲ୍‌ରେ ହରାଇ ସେମିଫାଇନାଲରେ ଭାରତୀୟ ମହିଳା ହକି ଦଳ

**ନୂଆଦିଲ୍ଲୀ**

ଭାରତୀୟ ମହିଳା ହକି ଦଳ ଜାପାନକୁ ୩-୧ ରେ ପରାସ୍ତ କରି ଏସିଆନ ଗେମ୍ସ ୨୦୨୬ ରେ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଏହା ସହିତ ଭାରତୀୟ ଦଳ ପୁଲ୍-ବି'ର ଶୀର୍ଷରେ ରହିବା ସହ ସେମିଫାଇନାଲରେ ମଧ୍ୟ ନିଜର ସ୍ଥାନ ପକ୍କା କରିନେଇଛି। ଭାରତ ଏହାପୂର୍ବରୁ ନିଜର ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବଡ଼ ବ୍ୟବଧାନରେ ପରାସ୍ତ କରି ଗୋଲ୍‌ର ବର୍ଷା କରିଥିଲା। ଭାରତ ପାଇଁ ଶୁକ୍ରବାର ମ୍ୟାଚ୍‌ରେ ଲାଲରେମସିଆମି, ଇଶିକା ଓ ନବନୀତ ଗୋଲ୍ କରିଥିଲେ। ଅନ୍ୟପଟେ ଜାପାନ ପାଇଁ ଶିହୋ କୋବାୟାକାୱା ଏକମାତ୍ର ଗୋଲ୍ କରିଥିଲେ। ସେମିଫାଇନାଲ ପୂର୍ବରୁ ଭାରତର ସିଙ୍ଗାପୁର ସହ ଏକ ମ୍ୟାଚ୍ ଖେଳିବ।

ଏସିଆନ୍ ଗେମ୍ସ ୨୦୨୬ରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆରମ୍ଭରୁ ହିଁ ଭାରତ ଅଗ୍ରଣୀ ହାସଲ କରି ନେଇଥିଲା। ପ୍ରଥମ ହାଫ୍‌ରେ ୨-୦ର ଅଗ୍ରଣୀ ନେବା ପରେ ଟିମ୍ ଇଣ୍ଡିଆ ମ୍ୟାଚ୍‌ରେ ନିଜର ସ୍ଥିତିକୁ ମଜବୁତ କରିଥିଲା। ଯଦିଓ ପରବର୍ତ୍ତୀ ସମୟରେ ଜାପାନ ଗୋଟିଏ ଗୋଲ୍ ସ୍କୋର କରି ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଭାରତ ମଧ୍ୟ ଦ୍ୱିତୀୟ ହାଫ୍‌ରେ ଆଉ ଏକ ଗୋଲ୍ କରି ୨ଟି ଗୋଲ୍‌ର ବ୍ୟବଧାନ ସହ ମ୍ୟାଚ୍‌କୁ ନିଜ ନାମରେ କରିଥିଲା।

ମ୍ୟାଚରେ ଭାରତ ପେନାଲ୍ଟି କର୍ଣ୍ଣରକୁ ନେଇ ସାମାନ୍ୟ ଅସାବଧାନ ରହିଥିଲା। ଦଳ ପ୍ରଥମ ହାଫ୍‌ରେ ମିଳିଥିବା ପାଞ୍ଚଟି ପେନାଲ୍ଟି କର୍ନର ମଧ୍ୟରୁ କେବଳ ଗୋଟିଏର ହିଁ ଫାଇଦା ଉଠାଇ ପାରିଥିଲା। ସେଥିରେ ମଧ୍ୟ ଦଳ ରିବାଉଣ୍ଡ୍ ଜରିଆରେ ଗୋଲ୍ କରିଥିଲା। ପ୍ରଥମ ହାଫ୍‌ର ଶେଷ ଦୁଇ ମିନିଟ୍‌ରେ ଭାରତ ଦ୍ରୁତ ଗତିରେ ତିନିଟି ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା,



ଯେଉଁଥିରୁ ଶେଷ ପେନାଲ୍ଟି କର୍ଣ୍ଣରରେ ନବନୀତ କୌରଙ୍କ ପ୍ରାରମ୍ଭିକ ଶଟ୍‌କୁ ଜାପାନୀ ଗୋଲକିପର ଅଟକାଇ ଦେଇଥିଲେ ମଧ୍ୟ ରିବାଉଣ୍ଡରେ ଇଶିକା ଗୋଲ୍ କରିଦେଇଥିଲେ। ଦ୍ୱିତୀୟ ହାଫ୍‌ରେ ମଧ୍ୟ ଭାରତୀୟ ଦଳ ନିଜର ସେହି ଲୟ ବଜାୟ ରଖିଥିଲା ଏବଂ ତୃତୀୟ କ୍ୱାର୍ଟରର ଷଷ୍ଠ ମିନିଟ୍‌ରେ ନବନୀତଙ୍କ ଗୋଲ୍ ବଳରେ ନିଜର ଅଗ୍ରଣୀକୁ ଆହୁରି ମଜବୁତ କରିଥିଲା। ନବନୀତ ଚମତ୍କାର ଷ୍ଟିକୱର୍କର ପ୍ରୟୋଗ କରି ଏକ ଦମଦାର ଶଟ୍ ସହ ଏହି ଗୋଲ୍ କରିଥିଲେ।

ଜାପାନ ଅବଶ୍ୟ ଚତୁର୍ଥ କ୍ୱାର୍ଟରରେ ଚମତ୍କାର ପ୍ରଦର୍ଶନ କରିଥିଲା। ଏହି କ୍ୱାର୍ଟର ଆରମ୍ଭ ହେବାର ଠିକ୍ ପରେ ପରେ ହିଁ କୋବାୟାକାୱା ସର୍କଲର ଶୀର୍ଷରୁ ଏକ ଦମଦାର ଶଟ୍ ମାରି ଗୋଲ୍ କରିଥିଲେ, ଯାହାକୁ ଅଭିଜ୍ଞ ଭାରତୀୟ ଗୋଲକିପର ସବିତା ଅଟକାଇବାରେ ଅସମର୍ଥ ହୋଇଥିଲେ। ଭାରତକୁ ୫୦ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା, କିନ୍ତୁ ଦଳ ଏହି ସୁଯୋଗକୁ ହାତଛଡ଼ା କରିଦେଇଥିଲା। ଜାପାନକୁ ମଧ୍ୟ ଅନ୍ତିମ ହୁଟର୍ ବାଜିବାର ଚାରି ମିନିଟ୍ ପୂର୍ବରୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା, ହେଲେ ଭାରତ ତାହାକୁ ରୋକିବାରେ ସଫଳ ହୋଇଥିଲା।

ଭାରତୀୟ ମହିଳା ହକି ଦଳ ଚଳିତ ଏସିଆନ୍ ଗେମ୍ସ ପ୍ରତିଯୋଗିତାରେ ଚମତ୍କାର ଖେଳ ପ୍ରଦର୍ଶନ କରୁଛି। ୪ଟି ମ୍ୟାଚ୍‌ରେ ଭାରତୀୟ ମହିଳା ହକି ଦଳ ୫୯ଟି ଗୋଲ୍ କରିସାରିଛି। ଜାପାନକୁ ଛାଡ଼ି ଭାରତ ପ୍ରତ୍ୟେକ ଦଳ ବିପକ୍ଷରେ ଅତିକମ୍‌ରେ ୧୭ଟି ଗୋଲ୍ କରିଛି। ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ଉଜବେକିସ୍ତାନ ବିପକ୍ଷରେ ୧୯-୦ ରେ ବିଜୟ ହାସଲ କରିଥିଲା। ଏହାପରେ ଭାରତୀୟ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୭-୧ ରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ଥାଇଲାଣ୍ଡ ବିପକ୍ଷରେ ୨୦-୧ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଭାରତୀୟ ଦଳର ଚମତ୍କାର ଫର୍ମକୁ ଦେଖି ଏଥର ଦଳଠାରୁ ସ୍ୱର୍ଣ୍ଣ ପଦକ ଜିତିବା ଆଶା କରାଯାଉଛି।

ଭାରତୀୟ ମହିଳା ହକି ଦଳ ଚଳିତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ପ୍ରବଳ ଦାବିଦାର ଅଟେ। ଭାରତକୁ ୧୯୮୨ ମସିହାରୁ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକର ଅପେକ୍ଷା ରହିଛି। ଭାରତୀୟ ମହିଳା ହକି ଦଳ ଶେଷ ଥର ପାଇଁ ୧୯୮୨ ମସିହା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଅନ୍ୟପଟେ ହାଙ୍ଗଝୋଉଠାରେ ଅନୁଷ୍ଠିତ ହୋଇଥିବା ଶେଷ ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳକୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ମୁମ୍ବାଇ ଇଣ୍ଡିଆନ୍ସର ନୂଆ ହେଡ୍ କୋଚ୍ ହେଲେ ଲ୍ୟୁକ୍ ୱିଲିୟମ୍ସ



**ମୁମ୍ବାଇ**

ମହିଳା ପ୍ରିମିୟର ଲିଗ୍‌ର ଆଗାମୀ ସିଜନ୍ ୨୦୨୭ ଆରମ୍ଭରେ ଖେଳାଯିବ। ଏହାକୁ ନେଇ ବର୍ତ୍ତମାନ ସବୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ପାଖରେ ଅଧିକ ସମୟ ବାକି ନାହିଁ। ଏହାକୁ ଧ୍ୟାନରେ ରଖି ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ନିଜ ମହିଳା ଦଳର ନୂଆ ହେଡ୍ କୋଚ୍‌ଙ୍କ ନାମ ଘୋଷଣା କରିଛି। ଗତ ସିଜନ୍‌ରେ ଏହି ପଦବୀ ସମ୍ଭାଳିଥିବା ଲିସା କିଟ୍‌ଲୀ ଏହି ଦଳ ଛାଡ଼ି ଦେଇଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ ଲିସା କିଟ୍‌ଲୀଙ୍କୁ ନିଜର ନ୍ୟାସନାଲ ଡେଭଲପମେଣ୍ଟ ହେଡ୍ କରିବା ପରେ ସେ ଏହି ପଦ ଛାଡ଼ି ଦେଇଥିଲେ। କିଟ୍‌ଲୀ ହେଡ୍ କୋଚ୍ ପଦ ଛାଡ଼ିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ନୂଆ ହେଡ୍ କୋଚ୍‌ଙ୍କ ନାମ ଘୋଷଣା କରିବାରେ ଅଧିକ ବିଳମ୍ବ କରିନାହିଁ, ଯେଉଁଥିରେ ଫ୍ରାଞ୍ଚାଇଜ୍ ଲ୍ୟୁକ୍ ୱିଲିୟମ୍ସଙ୍କୁ ଏହି ବଡ଼ ଦାୟିତ୍ୱ ଦେଇଛନ୍ତି। ୱିଲିୟମ୍ସ ପୂର୍ବରୁ ମଧ୍ୟ ଡବ୍ଲୁପିଏଲ୍‌ରେ କୋଚିଂ ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ସେ ବର୍ଷ ୨୦୨୪ରେ ଯେତେବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମହିଳା ଦଳ ଟାଇଟଲ୍ ଜିତିଥିଲା, ସେହି ସମୟରେ ଲ୍ୟୁକ୍ ୱିଲିୟମ୍ସ ହିଁ ଦଳର ହେଡ୍ କୋଚ୍ ଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ନୂଆ ହେଡ୍ କୋଚ୍ ପଦବୀରେ ନିଯୁକ୍ତ ହେବାକୁ ନେଇ ଲ୍ୟୁକ୍ ୱିଲିୟମ୍ସ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଫ୍ରାଞ୍ଚାଇଜ୍ ତରଫରୁ ଜାରି କରାଯାଇଥିବା ଏକ ବୟାନରେ ସେ କହିଛନ୍ତି, 'ମୁଁ ମୁମ୍ବାଇ ଇଣ୍ଡିଆନ୍ସ ଭଳି ଏକ ସମ୍ମାନଜନକ ଓ ସଫଳ ଫ୍ରାଞ୍ଚାଇଜ୍ ସହ ଯୋଡ଼ି ହେବା ଏବଂ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଏକ ପ୍ରତିଭାବାନ ଗ୍ରୁପ୍ ସହିତ କାମ କରିବାକୁ ନେଇ ବହୁତ ଉତ୍ସାହିତ ଅଛି। ଆମ ପାଖରେ ମିଳିମିଶି କିଛି ନୂଆ କରିବା, ରୋମାଞ୍ଚକର କ୍ରିକେଟ୍ ଖେଳିବା ଏବଂ ସଫଳତା ପାଇଁ ଲଢ଼େଇ କରିବାର ଏକ ସୁନ୍ଦର ସୁଯୋଗ ରହିବ।'

## ସାହାଣୀ କପ୍ ଫୁଟବଲ୍ ତୃତୀୟ ଦିବସ

# ପ୍ରଥମ ମ୍ୟାଚ୍ କଟକ ଦଳ ୬-୦ରେ ବିଜୟୀ, ଦ୍ୱିତୀୟ ମ୍ୟାଚ୍ ଖୋର୍ଦ୍ଧା ଦଳ ୯-୨ ଗୋଲରେ ବିଜୟୀ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍‌ର ତୃତୀୟ ଦିବସର ପ୍ରଥମ ମ୍ୟାଚ୍ କଟକ ଓ ଗଞ୍ଜାମ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭରୁ ମା' ସୁରେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇ ଥିଲା। ଶୁକ୍ରବାରର ଏହି ଖେଳକୁ ଅତିଥି ଭାବରେ ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ଭବେନ୍ଦ୍ର ନାଥ ଦେ, ସିଡିଏମ୍‌ପିଏଚ ଓ ଉଷା ରାଣୀ ଦାଶ ଓ ବୀର ମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗ ଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରି କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କଟକ ଦଳ ୬-୦ ଗୋଲରେ ବିଜୟୀ ହୋଇଥିବା ବେଳେ ଦଳର ୭ ନମ୍ବର୍ ଜର୍ସି ଗଣେଶ ସେଠି ୫ ମିନିଟ୍‌ରେ ପ୍ରଥମ ଗୋଲ, ୨୯ ମିନିଟ୍‌ରେ ଦ୍ୱିତୀୟ ଗୋଲ, ୫୬ ମିନିଟ୍‌ରେ ତୃତୀୟ ଗୋଲ, ଓ ୭୮ ମିନିଟ୍‌ରେ ଚତୁର୍ଥ ଗୋଲ ସ୍କୋର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ୧୭ ନମ୍ବର ଜର୍ସି ଭେଙ୍କଟେଶ ଓରାମ ପଞ୍ଚମ ଗୋଲ ସ୍କୋର କରିଥିବା ବେଳେ ୮୯ ମିନିଟ୍‌ରେ ପିଣ୍ଟୁ ଶାନ୍ତା ଷଷ୍ଠ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌କୁ ଅରୁଣ ନାୟକ, ଅଶ୍ୱିନୀ ସାହୁ, ରତ୍ନାକର ସୁରେନ୍, ସୁମିତ୍ ମହାଲିଂ ଓ ଜୋନ୍ କମିଶନର ନବୀନ ନାୟକ ପରିଚାଳନା କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ଓଡ଼ିଶା ଫୁଟବଲ୍ ଦଳରୁ ଖେଳିଥିବା ଓଡ଼ିଶା ତଥା ଜାତୀୟ ସ୍ତରର ଖେଳାଳି ଭେଙ୍କଟ ରାଓଙ୍କ ଅକାଳ ବିୟୋଗରେ ଶୋକ ପାଳନ କରାଯାଇଥିଲା। ସେହିପରି ଶୁକ୍ରବାରର ଦ୍ୱିତୀୟ ମ୍ୟାଚ୍ ଖୋର୍ଦ୍ଧା ଓ ପୁରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ରେଫରି ଦେବାଶିଷ ବାଗ୍, ଧନେଶ୍ୱର ସର୍ଦ୍ଦାର, ନୀତିଶ ମାଝୀ, ସୁମିତ ମହାଲିଙ୍ଗ ଓ ମ୍ୟାଚ୍ କମିଶନର ଭାବେ ନବୀନ ନାୟକ ପରିଚାଳନା କରିଥିଲେ। ଖୋର୍ଦ୍ଧା ଦଳ ୯-୧ ଗୋଲରେ ବିଜୟୀ ହୋଇଥିବା ବେଳେ ୨୦ ନମ୍ବର୍ ଜର୍ସି ଜଳନ୍ଧର ନାଏକ ୩ଟି ଗୋଲ ସ୍କୋର କରି ଦ୍ୱିତୀୟ ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ୧୯ ନମ୍ବର୍ ଜର୍ସି ସୁଶୀଲ ପାତ୍ର ୨ ଟି ଗୋଲ ସ୍କୋର କରିଥିଲେ। ସେହିପରି ଚନ୍ଦନ ନାଏକ, ଅସୀମ ଦୁମ୍ ଦୁମ୍ ଗ୍ୟସୁ ଦିନ ଖାଁ, ମୁସ୍ତା କିନ ଖାଁ, ଗୋଟାଏ ଲେଖାଏଁ ସ୍କୋର କରିଥିଲେ। ପୁରୀ ଦଳର ବିଷ୍ଣୁ ପ୍ରତାପ ନାଏକ୍ ଓ ନାରାୟଣ ମାର୍ଦ୍ଦି ଗୋଟାଏ ଲେଖାଏଁ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୪ଟି ଗୋଲ ସ୍କୋର କରିଥିବା ଗଣେଶ ସେଠି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶା ଫୁଟବଲ ଆସୋସିଏସନ୍, କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମ୍ୟାଚ୍ ଉଦଘାଟନୀ ଓ ପୁରସ୍କାର ବିତରଣୀ ସଭାକୁ ଅଧ୍ୟାପକ ମଦନ ସୁନ୍ଦର ଖେତି ଓ କ୍ରୀଡ଼ା ସଂଘ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଂଘ ସଦସ୍ୟ ଦିଗାମ୍ବର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ କମିଟିର ପୀୟୂଷ ପଣ୍ଡା, ଭୁକୁଲୁ ବକ୍ସି, ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବିକାଶ ପାଢ଼ୀ, ସୁଭାଷ ବିଶ୍ୱାଳ, ରିପୁନ ନାଏକ, ରାଜୀବ ସାହୁ, ରାଜୀବ ସାହୁ, ଅନିଲ ସାହୁ, ରାଜୀବ ପଟ୍ଟନାୟକ, ବିକାଶ ପାଢୀ, ରଞ୍ଜିତ ସାହୁ, ସୁମନ୍ ମିଶ୍ର, ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଟାଏକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଲେ ସୋହନ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ କେନ୍ଦୁଝରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟାଏକୋଣ୍ଡ ପ୍ରତିଯୋଗିତା ୨୦୨୬-୨୭ରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ଗ୍ରାମର ଧୀରେଶ୍ୱର ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ଏସ୍ ସୋହନ ରେଡ୍ଡୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଦୃଢ଼ ମନୋବଳ, ନିରନ୍ତର ଅଭ୍ୟାସ ଏବଂ କଠିନ ପରିଶ୍ରମ ବଳରେ ସେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପରିବାର, ପ୍ରଶିକ୍ଷକ, ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ପରିବେଶ ସୃଷ୍ଟି କରିଛି। ତାଙ୍କର ଏହି ସଫଳତା ଅନ୍ୟ କ୍ରୀଡ଼ାବିତ୍ ପାଇଁ ପ୍ରେରଣା ଯୋଗାଇଛି। ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଓଡ଼ିଶାର ୟୁଏଇ ନିବେଶ ଅଭିଯାନ ବଡ଼ ସଫଳ

## ୨.୪୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ; ୬.୧୮ ଲକ୍ଷ ନିଯୁକ୍ତି ସୁଯୋଗ

**ଦୁର୍ଗା ଚରଣ ସ୍ୱାଇଁ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହୋଇଥିବା ତିନି ଦିନିଆ ନିବେଶ ଅଭିଯାନରୁ ୨,୪୩, ୧୬୨ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ଏବଂ ୬.୧୮ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସହିତ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ବଡ଼ ପ୍ରୋତ୍ସାହନ ମିଳିଛି।

ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆବୁଧାବି ଏବଂ ଦୁବାଇ ଗସ୍ତ କରିଥିଲେ, ଯେଉଁଠାରେ ସେମାନେ ୪୬ଟି ୱାନ୍-ଟୁ-ୱାନ୍ (ସିଧାସଳଖ) ବିନିଯୋଗକାରୀ ବୈଠକ ଏବଂ ୬ଟି ଗୋଲଟେବୁଲ୍ ଆଲୋଚନାରେ ଭାଗ ନେଇଥିଲେ। ଏହି ଗସ୍ତରୁ ୨୪ଟି ବୁଝାମଣାପତ୍ର (ଏମଓୟୁ) ଏବଂ ନିବେଶ ପ୍ରସ୍ତାବ ମିଳିଛି, ଯାହା ଓଡ଼ିଶାରେ ଗଲ୍ଫ-ଭିତ୍ତିକ ବ୍ୟବସାୟଗୁଡ଼ିକର ପ୍ରବଳ ଆଗ୍ରହକୁ ପ୍ରତିଫଳିତ କରୁଛି।

ଗସ୍ତର ଶେଷ ଦିନରେ ଦୁବାଇରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍-ୟୁଏଇ ୨୦୨୬' ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରାୟ ୪୦୦ ବ୍ୟବସାୟିକ ନେତୃତ୍ୱ, ନିବେଶକ ଏବଂ ସଦସ୍ୟ ଯୋଗ ଦେଇଥିଲେ। ସେହିଦିନ ହୋଇଥିବା ନିବେଶ ପ୍ରସ୍ତାବଗୁଡ଼ିକରେ ଯାତ୍ରା ଓ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ନିବେଶ, ଏଲ୍‌ଏନ୍‌ଏଜି ସଂରକ୍ଷଣ, ସବୁଜ ଶକ୍ତି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟା ସେଣ୍ଟର, ବିରଳ ମୃତ୍ତିକା, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ କେମିକାଲ୍, ଗୃହ ନିର୍ମାଣ, ଇସ୍ପାତ ଏବଂ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଆଦି ଅନ୍ତର୍ଭୁକ୍ତ ଥିଲା।

ପ୍ରମୁଖ ଚୁକ୍ତିନାମାଗୁଡ଼ିକ ମଧ୍ୟରେ, CAZBAA ପ୍ରୋଜେକ୍ଟ ଭେଞ୍ଚର୍ସ FZCO ଏଲ୍‌ଏନ୍‌ଜି ସଂରକ୍ଷଣ ପାଇଁ ଏକ ଏମଓୟୁ ସ୍ୱାକ୍ଷର କରିଛି। ରାଣା ହୋଲ୍ଡିଂସ ଲିମିଟେଡ୍ ସବୁଜ ଶକ୍ତି, ଏଆଇ ଡାଟା ସେଣ୍ଟର ଏବଂ ବିରଳ ମୃତ୍ତିକାକୁ ନେଇ ଏକ ଏମଓୟୁ ସ୍ୱାକ୍ଷର କରିଛି, ଯାହା ରାଜ୍ୟକୁ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ପ୍ରବେଶ କରିବାକୁ ସୁଯୋଗ ଦେବ। ସେହିପରି ଶରାଫ୍ ଗ୍ରୁପ୍ ଗୃହ ନିର୍ମାଣ ପାଇଁ ଏକ ଚୁକ୍ତି କରିଥିବା ବେଳେ PTCL ଇନ୍‌ଫ୍ରାଷ୍ଟ୍ରକଚର ଇସ୍ପାତ ଏବଂ ଇସ୍ପାତ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି।

ଜାହାଜ ମରାମତି ପାଇଁ ଡାଲୱିନ ମେରାଇନ୍ ଏବଂ ଟର୍ବୋ ପାୱାର ଇଞ୍ଜିନିୟରିଂ, ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ ଆୟନ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏବଂ ସାର ଓ କେମିକାଲ୍ସ ପାଇଁ ଆଗ୍ରିଫିଲ୍ଡସ୍ FZCO ଠାରୁ ମଧ୍ୟ ନିବେଶ ପ୍ରସ୍ତାବ ମିଳିଛି।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ମୂଲ୍ୟ ସଂଯୋଜନ, ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସହଭାଗିତା ଏବଂ ଦକ୍ଷ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଧାରିତ ଶିଳ୍ପ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟକୁ ଯିବା ପାଇଁ ପ୍ରସ୍ତୁତ ଅଛି। ସେ ରାଜ୍ୟର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି ଉପଲବ୍ଧତା, ରଣନୀତିକ ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ କାର୍ଯ୍ୟବଳ ଏବଂ ପ୍ରତିଷ୍ଠିତ ଶିଳ୍ପ ବ୍ୟବସ୍ଥାକୁ ନିବେଶକମାନଙ୍କ ପାଇଁ ପ୍ରମୁଖ ସୁବିଧା ଭାବରେ ଦର୍ଶାଇଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୟୁଏଇ ସହିତ ଏହି ଯୋଗାଯୋଗ କେବଳ ବ୍ୟକ୍ତିଗତ ନିବେଶ ମଧ୍ୟରେ ସୀମିତ ନୁହେଁ, ବରଂ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନୀ, ନବସୃଜନ, ଦକ୍ଷତା ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ସ୍ଥାୟୀ ସହଭାଗିତା ଗଠନ କରିବା ଏହାର ଲକ୍ଷ୍ୟ। ସେ ୟୁଏଇ ବ୍ୟବସାୟୀମାନଙ୍କୁ ଭାରତରେ ସେମାନଙ୍କର ପରବର୍ତ୍ତୀ ଅଭିବୃଦ୍ଧି ପାଇଁ ଓଡ଼ିଶାକୁ ଏକ ପସନ୍ଦର ଗନ୍ତବ୍ୟ ସ୍ଥଳ କରିବାକୁ ଆମନ୍ତ୍ରଣ କରିଥିଲେ।

ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ଏହି ଗସ୍ତର ଲକ୍ଷ୍ୟ ହେଉଛି ସାରା ରାଜ୍ୟରେ ବିକାଶ ନିଶ୍ଚିତ କରିବା ସହ ଲୋକମାନଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଏହି ଅଭିଯାନ ସମୟରେ ମିଳିଥିବା ପ୍ରତିଶ୍ରୁତିଗୁଡ଼ିକ ନୂତନ ପ୍ରକଳ୍ପରେ ରୂପାନ୍ତରିତ ହେବ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ବିଶ୍ୱସ୍ତରୀୟ ନିବେଶକମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ନିଜକୁ ଏକ ଆକର୍ଷଣୀୟ ନିବେଶ ସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛି।

ପ୍ରସ୍ତୁତି ସହ ଜଡ଼ିତ ସୂତ୍ରରୁ ପ୍ରକାଶ ଯେ, ଏହି ସଫଳତାର ଶ୍ରେୟ ମୁଖ୍ୟତଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଯାଏ, ଯେଉଁମାନେ ଏହି ସମ୍ପୂର୍ଣ୍ଣ ଅଭିଯାନ ପଛରେ ରହି କାର୍ଯ୍ୟ କରିଥିଲେ।

ଏହି ଅଭିଯାନ ଅନ୍ତର୍ଜାତୀୟ ନିବେଶକମାନଙ୍କ ମଧ୍ୟରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଏଭଳି ଆହୁରି ଅନେକ କାର୍ଯ୍ୟକ୍ରମ ପାଇଁ ବାଟ ଫିଟାଇବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ପ୍ରସ୍ତାବଗୁଡ଼ିକ ହାତରେ ଥିବାରୁ, ପରବର୍ତ୍ତୀ ପଦକ୍ଷେପ ହେଉଛି ସମ୍ପୃକ୍ତ କମ୍ପାନୀଗୁଡ଼ିକ ସହିତ ଜମି, ଅନୁମୋଦନ ଏବଂ ଭିତ୍ତିଭୂମି ସହାୟତା ପାଇଁ ଯୋଗାଯୋଗରେ ରହିବା, ଯାହାଦ୍ୱାରା ଏହି ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ କରାଯାଇପାରିବ।

# ଏସୀୟ କ୍ରୀଡ଼ା : ସ୍କ୍ୱାସ୍‌ରୁ ୩ ପଦକ ପକ୍କା

**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ସ୍କ୍ୱାସ୍ ଖେଳାଳି ୩ ପଦକ ପକ୍କା କରିଛନ୍ତି। ଜ୍ୟୋତ୍ସ୍ନା ଚିନାପ୍ପା-ଭେଲାଭାନ ସେନ୍ଥିଲ କୁମାର ମିଶ୍ରିତ ଯୁଗଳ, ଅନାହାତ ସିଂହ ଓ ଅଭୟ ସିଂହ ଏକକ ସେମି ଫାଇନାଲ୍‌ରେ ପହଞ୍ଚି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ମିଶ୍ରିତ ଯୁଗଳ କ୍ୱାର୍ଟର ଫାଇନାଲ୍‌ରେ ରେକର୍ଡ ସପ୍ତମ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଜ୍ୟୋତ୍ସ୍ନା ଓ ତାଙ୍କ ସାଥୀ ଭେଲାଭାନ ୧୧-୩, ୧୧-୫ରେ ଫିଲିପାଇନ୍ସର ଡେଭିଡ୍ ପେଲିନୋ ଓ ଜେମିକା ଆରିବାଡ଼ୋଙ୍କୁ ହରାଇଥିଲେ। ଶନିବାର ଏହି ଭାରତୀୟ ଯୋଡ଼ି ସେମିଫାଇନାଲ୍‌ରେ ହଂକଂର ୟୋ କା ଲି ଓ ମିଙ୍ଗ ହଙ୍ଗ ଟାଙ୍ଗଙ୍କୁ ଭେଟିବେ। ୪୦ ବର୍ଷୀୟା ଜ୍ୟୋତ୍ସ୍ନା ଏସୀୟ କ୍ରୀଡ଼ାରେ ୨ ରୌପ୍ୟ ଓ ୩ କାଂସ୍ୟ ପଦକ ଜିତି ସାରିଛନ୍ତି। ଏବେ ସେ ୨୮ ବର୍ଷୀୟ ଭେଲାଭାନଙ୍କ ସହ ସ୍ୱର୍ଣ୍ଣ ଲକ୍ଷ୍ୟରେ ରହିଛନ୍ତି।

୨୦୨୨ ବୁସାନ ଏସୀୟ କ୍ରୀଡ଼ାରେ ପଦାର୍ପଣ କରିଥିବା ଜ୍ୟୋତ୍ସ୍ନା ୨୦୧୮ରେ ଏକକ ବର୍ଗରେ କାଂସ୍ୟ ଜିତିଥିଲେ। ୨୦୧୪ ଓ ୨୦୧୮ରେ ରୌପ୍ୟ ଏବଂ ୨୦୧୦ ଓ ୨୦୨୨ କାଂସ୍ୟ ବିଜେତା ଭାରତୀୟ ଦଳରେ ସେ ସଦସ୍ୟ ରହିଥିଲେ।

ଅନ୍ୟପକ୍ଷରେ ଦୁଇ ଭାରତୀୟଙ୍କ ମଧ୍ୟରେ ଖେଳାଯାଇଥିବା ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଅନାହାତ ୧୧-୨, ୧୧-୫, ୧୧-୩ରେ ତନ୍ୱୀ ଖାନଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲ୍‌ରେ ସେ ହାଙ୍ଗ୍‌ଝେ କାଂସ୍ୟ ବିଜୟନୀ ବିଶ୍ୱର ୬ ନମ୍ବର ଖେଳାଳି ସାତୋମି ୱାଟାନାବେଙ୍କୁ ଭେଟିବେ। ପୁରୁଷ ଏକକରେ ଅଭୟ ୧୧-୪, ୧୧-୩, ୧୧-୬ରେ ଜାପାନର ରିଓନୋସୁକେ ଟିସୁକୋଏଙ୍କୁ ହରାଇଥିଲେ। ଅଭୟ ସେମିଫାଇନାଲ୍‌ରେ ପାକିସ୍ତାନର ଇର୍ଫାନ ମୁହାମ୍ମଦଙ୍କୁ ଭେଟିବେ। ଇର୍ଫାନ ଭାରତର ବୀର ଚୋଟରାଣୀଙ୍କୁ ୬-୧୧, ୧୧-୮, ୧୧-୩, ୧୧-୩ରେ ହରାଇଥିଲେ।

34001/881/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
Bid Identification No.: - SE-R&B-PLB-10/2026-27, DATE: - 24.09.2026

Letter No. 5776 Date. 24.09.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D", "C" and "B" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building & Electrical Works" |
| 2. | No. of Tender | : | 04 (Four) Numbers |
| 3. | Estimated Cost put to Tender. (T.S Amount) | : | Rs.2.87 Lakhs to Rs. 11.51 Lakhs |
| 4. | E.M.D. | : | Rs.2,900/- to Rs. 11,600/- |
| 5. | Period of completion | : | 02 (Two) & 12 (Twelve) Calendar Months. |
| 6. | Class of Contractor or Eligibility of the bidders | : | **"MV", "HT", "D", and "C" Class Contractors** (Orissa P.W.D. or equivalent class of other licensing authority) & (Electrical Contractors **from ELBO.)** |
| 7. | Tender Cost or Cost of participation in on line Bid | : | Rs. 2,000/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 28.09.2026 at 10:00 AM to 08.10.2026 up to 05:00 PM |
| 9. | Clarification regarding bidding online | : | From 28.09.2026 at 10:00 AM to 08.10.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 09.10.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Sd/- Superintending Engineer
Phulbani (R&B) Division, Phulbani

OIPR-34001/34066/1/26-27/0015

ଭୁବନେଶ୍ୱର, ୨୬ ସେପ୍ଟେମ୍ବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପାଇଁ ଇ-ପୋର୍ଟାଲର ବିକାଶ କରାଯିବ

ଭୁବନେଶ୍ୱର,୨୫।୯
ନ୍ୟୁଜ୍‌ବ୍ୟୁରୋ

ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବା ଏବଂ ଆଗକୁ ନେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଦୀର୍ଘଦିନ ଧରି ଶ୍ରୀଜଗନ୍ନାଥଙ୍କ ଜମିରେ ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କୁ ଜମି ଅଧିକାର ପ୍ରଦାନ ନେଇ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଶୁକ୍ରବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



ବୈଠକର ଆଲୋଚନାରୁ ଜଣା ପଡ଼ିଛି ଯେ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ଏକ ଇ-ପୋର୍ଟାଲର ବିକାଶ କରାଯିବ। ଏଥିରେ ଶ୍ରୀଜଗନ୍ନାଥଙ୍କ ଜମି ଭୋଗଦଖଲ କରୁଥିବା ସେବାୟତ ଓ ଅଣସେବାୟତ ମାନେ ନିଜ ନିଜର ତଥ୍ୟ ସହଜ ଓ ସରଳ ଉପାୟରେ ପ୍ରଦାନ କରି ପାରିବେ। ଏହା ଦ୍ୱାରା ଜମି ଦଖଲରେ ଥିବା ସମସ୍ତଙ୍କ ଏକ ସମ୍ପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହେବା ସହ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥା ଅଧିକ ସହଜ ଓ ଶୃଙ୍ଖଳିତ ହୋଇପାରିବ। ଏହି ବ୍ୟବସ୍ଥାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ଇ-ପୋର୍ଟାଲକୁ ଅଧିକ ଉପଯୋଗୀ କରିବା ନେଇ ଆବଶ୍ୟକ ପରାମର୍ଶ ଦେଇଥିଲେ।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପରିଚାଳକ ତଥା ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆଭାସି ମାଧ୍ୟମରେ ଯୋଗ ଦେଇଥିବାବେଳେ ଓକାକ୍, ଓଏନ୍‌ଆଇସିର ବରିଷ୍ଠ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର : ୭୨ତମ ନ୍ୟାସନାଲ ଫିଲ୍ମ ଆୱାର୍ଡ ସମାରୋହରେ ବେଷ୍ଟ ଓଡ଼ିଆ ଫିଚର ଫିଲ୍ମ 'ଲହରୀ' ଜାତୀୟ ପୁରସ୍କାର ଲାଭ କରିବା ନିମନ୍ତେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏବଂ ନିର୍ମାତା ଝିଲିକ ଭଟ୍ଟାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## ଡ. ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ

# ମିଲିଶାଉଟିର ସମ୍ମାନସୂଚକ ନାଗରିକତା, ବାର୍ଲାଡ୍‌ର 'କି ଟୁ ଦି ସିଟି' ଓ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ

ଭୁବନେଶ୍ୱର,୨୫।୯
ନ୍ୟୁଜ୍‌ବ୍ୟୁରୋ

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଡ. ସାମନ୍ତଙ୍କ ରୋମାନିଆ ଗସ୍ତ ଅବସରରେ ତାଙ୍କୁ ମିଲିଶାଉଟି ସହରର ସମ୍ମାନସୂଚକ ନାଗରିକତା, ବାର୍ଲାଡ୍ ସହରର 'କି ଟୁ ଦି ସିଟି' ଏବଂ ସିମାନ ଚାମ୍ପିୟନସ୍ ଆୱାର୍ଡସ ୨୦୨୬ରେ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଜୀବନ ବ୍ୟାପୀ କାର୍ଯ୍ୟ ପାଇଁ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୋମାନିଆ ଭଳି ଦେଶର ଦୁଇଟି ସହରରୁ ଏଭଳି ବିରଳ ସମ୍ମାନ ପାଇବାରେ ଡ. ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ। ଉଭୟ ସହରର ମେୟରମାନଙ୍କଠାରୁ ଡ. ସାମନ୍ତ ଏହି ସମ୍ମାନ ଗ୍ରହଣ କରିଥିବା ବେଳେ ସମ୍ମାନ ପ୍ରଦାନ ସମାରୋହରେ ସହରର କାଉନସିଲ୍ ସଦସ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରୋମାନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ସମ୍ମାନସୂଚକ ନାଗରିକତା ହେଉଛି ରୋମାନିଆର ଏକ ସହର ଦ୍ୱାରା ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ସହର ପରିଷଦର ସଦସ୍ୟମାନେ ମତଦାନ କରି ବିଶ୍ୱର ଯେକୌଣସି ସ୍ଥାନର ଏପରି ଜଣେ



ବ୍ୟକ୍ତିଙ୍କ ଜୀବନ ଓ କାର୍ଯ୍ୟକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରିଥାନ୍ତି। ଏହି ସମ୍ମାନ ବ୍ୟକ୍ତିଙ୍କୁ ପାସପୋର୍ଟ କିମ୍ବା ଭୋଟ୍ ଦାନ ଅଧିକାର ଦେଉ ନଥିଲେ ମଧ୍ୟ ତା'ଠାରୁ ଅଧିକ ସମ୍ମାନ ପ୍ରଦାନ କରେ।

ସେହିପରି 'କି ଟୁ ଦି ସିଟି' ହେଉଛି ୟୁରୋପର ଏକ ପ୍ରାଚୀନ ପରମ୍ପରା। କୁହଯାଏ, ଯେତେବେଳେ ସହରଗୁଡ଼ିକରେ ପ୍ରବେଶ ପାଇଁ ଫାଟକ ରହୁଥିଲା, ସେତେବେଳେ ସେମାନେ ନିଜ ସହରର ଚାବି କେବଳ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଦେଉଥିଲେ। ଡ. ସାମନ୍ତଙ୍କ ପ୍ରତି ସେମାନଙ୍କ ଭଲପାଇବା ଓ ବିଶ୍ୱାସ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉଭୟ ବାର୍ଲାଡ ଓ ମିଲିସାଉଟି ସହର ଡ. ସାମନ୍ତଙ୍କ ମଧ୍ୟରେ ସେହି ମୂଲ୍ୟବୋଧକୁ ହିଁ ଦେଖି ଏହି ସମ୍ମାନ ପ୍ରଦାନ କରିଛନ୍ତି।

ଡ. ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ୨୦୨୬ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଶିକ୍ଷା, ସାମାଜିକ ବିକାଶ, ମାନବୀୟ ସେବା ଓ ପ୍ରତିଷ୍ଠାନ ଗଠନ କ୍ଷେତ୍ରରେ ତାଙ୍କ ଅବଦାନକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି। ବୁଖାରେଷ୍ଟରେ ଅନୁଷ୍ଠିତ ୩୪ତମ ସିମାନ ବାର୍ଷିକ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ପୁରସ୍କାର ଗ୍ରହଣ କରିଥିଲେ।

ରୋମାନିଆବାସୀଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇ ଡ. ସାମନ୍ତ କହିଲେ, "ରୋମାନିଆର ମିଲିଶାଉଟିରେ ଯେଉଁ ଆତ୍ମୀୟତା ଓ ଉଷ୍ମତାର ସହ ସ୍ୱାଗତ କରାଯାଇଥିଲା, ତାହା ମୋତେ ଗଭୀର ଭାବେ ଭାବବିହ୍ୱଳ କରିଛି। ଉଭୟ ସହରର ଲୋକଙ୍କଠାରୁ ମିଳିଥିବା ଭଲପାଇବା ଓ ଆତ୍ମୀୟତା ସବୁବେଳେ ମୋ ହୃଦୟର ଅତି ନିକଟରେ ରହିବ।"

ସେହିପରି ଶିକ୍ଷା, ସାମାଜିକ ବିକାଶ, ମାନବସେବା ଓ ଅନୁଷ୍ଠାନ ଗଠନ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ଡ. ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ପ୍ରତିବର୍ଷ ସିମାନ ଚାମ୍ପିଅନସିପ ସମ୍ମାନ ପକ୍ଷରୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ସମ୍ମାନ ଦେବାକୁ ଡ. ସାମନ୍ତଙ୍କୁ ସିମାନ ପକ୍ଷରୁ ମନୋନୀତ କରାଯାଇଥିଲା। ରୋମାନିଆରରେ ୩୪ତମ ସିମାନ ବାର୍ଷିକ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ସମ୍ମାନ ଗ୍ରହଣ କରିଥିଲେ। ସିମାନ ହେଉଛି ୧୯୯୩ରେ ସ୍ଲୋଭାନିଆରେ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ଇନ ଡାଇନାମିକ ସୋସାଇଟିର ଏହି ଆନ୍ତର୍ଜାତିକ ସଂଗଠନ ବିଶ୍ୱର ପ୍ରାୟ ୫୦ଟି ଦେଶର ପ୍ରାୟ ୧୮୦ଟି ସଦସ୍ୟ ଅନୁଷ୍ଠାନ ଏହା ସହ ଜଡ଼ିତ ଅଛନ୍ତି।

ଆନ୍ତର୍ଜାତିକ ଚେସ୍ ମହାସଂଘ ଫିଡେ ପକ୍ଷରୁ ଡ. ଅଚ୍ୟୁତ ସାମନ୍ତଙ୍କୁ 'ଏଡୁକେସନ୍ ଫିଲାନ୍ଥ୍ରପିକ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଶୁକ୍ରବାର ଉଜ୍‌ବେକିସ୍ତାନରେ ୪୬ତମ ଫିଡେ ଚେସ୍ ଅଲିମ୍ପିଆଡ୍ ଓ କଂଗ୍ରେସ୍ ଅବସରରେ ଆୟୋଜିତ ଫିଡେର 'ଚେସ୍ ଇନ୍ ଏଡୁକେସନ୍' ସମିଟ୍ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଫିଡେର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଶ୍ୱନାଥନ ଆନନ୍ଦ ଏବଂ ଫିଡେ ମ୍ୟାନେଜମେଣ୍ଟ ବୋର୍ଡର ଉପାଧ୍ୟକ୍ଷା ଡାନା ରେଜନିଏସ୍‌କେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଡ. ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ୧୨୦ଟି ଦେଶର ପ୍ରତିନିଧି ଉପସ୍ଥିତ ଥିଲେ। ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଡ. ସାମନ୍ତଙ୍କ ଜୀବନବ୍ୟାପୀ ସେବା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଚେସ୍‌ର ପ୍ରସାର ଓ 'ଚେସ୍ ଇନ୍ ଏଡୁକେସନ୍' ପଦକ୍ଷେପକୁ ବ୍ୟାପକ କରିବା ପାଇଁ ଫିଡେ, କିଟ୍ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କୋସୋଭୋ ଗଣରାଜ୍ୟର ପ୍ରିଷ୍ଟିନାଠାରେ ଅନୁଷ୍ଠିତ ୪୫ତମ ବିଶ୍ୱ କବି ସମ୍ମିଳନୀ ଅବସରରେ ଡ. ସାମନ୍ତଙ୍କୁ 'ମଦର ଟେରେସା ଆୱାର୍ଡ', ପ୍ରିଷ୍ଟିନା ଏଏବି ୟୁନିଭର୍ସିଟି କଲେଜ ପକ୍ଷରୁ 'ପ୍ରଫେସର ଅନୋରିସ୍ କଜା', 'ସିଟି ଅଫ୍ ପେଜା' ପକ୍ଷରୁ ସ୍ୱୀକୃତି ସମ୍ମାନ ଏବଂ ବିଶ୍ୱ କବି ସମ୍ମିଳନୀର ସଭାପତିଙ୍କ ପଦକ ଭଳି ଚାରିଟି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବୈତରଣୀରେ ବନ୍ୟା -'ଶୂନ୍ୟ ଜୀବନହାନି' ଲକ୍ଷ୍ୟ

# ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳ ଉପରେ ପ୍ରଶାସନର ନଜର

ଧାମନଗର,୨୫।୯
ନ୍ୟୁଜ୍‌ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି ଏବଂ କୋଚିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଶୁକ୍ରବାର ରାତି ୭ଟା ସୁଦ୍ଧା ଆଖୁଆପଦାଠାରେ ବୈତରଣୀର ଜଳସ୍ତର ୧୯.୪୦ ମିଟରରେ ପହଞ୍ଚିଛି। ଏଠାରେ ବିପଦସଙ୍କେତ ୧୮.୩୩ ମିଟର ରହିଥିବାବେଳେ ଜଳସମ୍ପଦ ବିଭାଗର ଆକଳନ ଅନୁଯାୟୀ ଜଳସ୍ତର ୧୯.୭୦ ମିଟର ପର୍ଯ୍ୟନ୍ତ ବଢ଼ିପାରେ।

ସମ୍ଭାବ୍ୟ ବନ୍ୟାକୁ ନେଇ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଭାସୀ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଓ ୪ଟି ବ୍ଲକର ଅଧିକାରୀଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହାପରେ ପ୍ରଶାସନିକ ତତ୍ପରତା ବଢ଼ିଛି। ବିଶେଷକରି ଧାମନଗର ଅଞ୍ଚଳର ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳ ଉପରେ ପ୍ରଶାସନ ନଜର ରଖିଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ସହ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟରେ ପ୍ରସ୍ତୁତ ରହିବାକୁ ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ। ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟ ଛାଡ଼ିବେ ନାହିଁ। ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଜଣେ ଲେଖାଏଁ



ନୋଡାଲ ଅଧିକାରୀ ନିଯୁକ୍ତ କରି ତୃଣମୂଳସ୍ତରର ସୂଚନା ତୁରନ୍ତ ଜିଲ୍ଲା ନିୟନ୍ତ୍ରଣ କକ୍ଷରେ ପହଞ୍ଚାଇବାକୁ କୁହାଯାଇଛି।

ଆସନ୍ତା କିଛି ଦିନ ମଧ୍ୟରେ ପ୍ରସବ ସମ୍ଭାବନା ଥିବା ଗର୍ଭବତୀଙ୍କୁ ଚିହ୍ନଟ କରି ସୁରକ୍ଷିତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ା ନିରୋଧକ ଇଞ୍ଜେକ୍ସନ, ଜରୁରୀ ଔଷଧ ଓ ଆମ୍ବୁଲାନ୍ସ ସେବା ପ୍ରସ୍ତୁତ ରଖାଯିବ।

ଆଠଗଡ଼ିଆ, ପଙ୍ଗଟା, ଷଣ୍ଢପୁର, ନଦୀଗାଁ ଓ ଅର୍ଜୁନପୁର ଭଳି ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ତଳଗୋପବିନ୍ଧା ସମେତ ଦୁର୍ବଳ ନଦୀବନ୍ଧଗୁଡ଼ିକର ଘାଇ ଓ ଘୋଷରା ସ୍ଥାନ ଉପରେ ଜଳସମ୍ପଦ ବିଭାଗର କ୍ଷେତ୍ରୀୟ ଟିମ୍ ନିରନ୍ତର ନଜର ରଖିବ। ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା ଉପରେ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି।

ବନ୍ୟା ପରିସ୍ଥିତି ଜଟିଳ ହେବା ପୂର୍ବରୁ ତଳିଆ ଓ ବିପଦସଙ୍କୁଳ ଅଞ୍ଚଳରୁ ବୃଦ୍ଧ, ଶିଶୁ ଓ ଭିନ୍ନକ୍ଷମଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ଜଳବନ୍ଦୀ ଓ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ମାଗଣା ରନ୍ଧାଖାଦ୍ୟ ଓ ପାନୀୟ ଜଳ ଯୋଗାଣ କରାଯିବ। ଉଦ୍ଧାରକାର୍ଯ୍ୟ ପାଇଁ ଡଙ୍ଗା, ଆବଶ୍ୟକ ଉପକରଣ ଓ ଡିଜେଲ ମହଜୁଦ ରଖାଯାଇଛି।

ବନ୍ୟା କିମ୍ବା ଗଛ ପଡ଼ି ରାସ୍ତା ଅବରୋଧ ହେଲେ ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, ଅଗ୍ନିଶମ ଓ ପୁଲିସ ବିଭାଗ ମିଳିତ ଭାବେ ଜେସିବି ଓ ଅନ୍ୟାନ୍ୟ ଯନ୍ତ୍ରପାତି ସହାୟତାରେ ତୁରନ୍ତ ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରିବେ। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ପୂର୍ବ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲ କହିଛନ୍ତି, ବୈତରଣୀ ନଦୀରେ ଚଳିତ ବର୍ଷ ଏହା ଚତୁର୍ଥ ବଡ଼ ବନ୍ୟା। ବନ୍ୟା ମୁକାବିଲା ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।


ପ୍ରକାଶ ଅପେକ୍ଷାରେ ...
ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର
ମହାପୂଜା ସଂଖ୍ୟା- ୨୦୨୬




ଏଥର ସୂଚୀରେ କଥାକଳିକାର ଗାଳ୍ପିକ...
**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମିତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ
(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୫/୦୯/୨୦୨୬
୩,୫୨,୯୮୭/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୧୦ ଗ୍ରାମ୍ ୦୦୦ ମିଲିଗ୍ରାମ

## ଦୁର୍ଗାପୂଜା ପାଇଁ ୨୮ ସେପ୍ଟେମ୍ବରରେ ପୁଣି ଖୋଲିବ ସିଙ୍ଗଲ୍ ୱିଣ୍ଡୋ ସେଲ୍

କଟକ,୨୫।୯:ନ୍ୟୁଜ୍‌ବ୍ୟୁରୋ

ଆଗାମୀ ଦୁର୍ଗାପୂଜା ଅବସରରେ ପୂଜା କମିଟିଗୁଡ଼ିକୁ ଏନ୍‌ଓସି ପ୍ରଦାନ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ କାର୍ଯ୍ୟକ୍ଷମ କରାଯାଇଥିବା ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ପୁଣିଥରେ ଖୋଲିବ। କଟକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ, ବିଭିନ୍ନ ପୂଜା କମିଟିର ଅନୁରୋଧକୁ ବିଚାର କରି ୨୮ ସେପ୍ଟେମ୍ବର ୨୦୨୬ ଦିନ ସିଙ୍ଗଲ୍ ୱିଣ୍ଡୋ ସେଲ୍ ପୁଣିଥରେ କାର୍ଯ୍ୟ କରିବ। ଏହି ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ ପରିସରରେ ପୂଜା କମିଟିଗୁଡ଼ିକର ଏନ୍‌ଓସି ପ୍ରଦାନ ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ କରାଯିବ। ଏପର୍ଯ୍ୟନ୍ତ ଆବେଦନ କରିନଥିବା ସମ୍ପୃକ୍ତ ପୂଜା କମିଟିଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି। ବିଭିନ୍ନ ପୂଜା କମିଟିକୁ ପ୍ରୋଭିଜନାଲ/ଫାଇନାଲ୍ ଏନ୍‌ଓସି ପ୍ରଦାନକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବରୁ ୧୮ରୁ ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ ପରିସରରେ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟ କରିଥିଲା। ଏଥିରେ ୧୮୧ ପୂଜା କମିଟି ଫର୍ମ ନେଇଥିବାବେଳେ ୧୭୮ଟି ପୂଜା କମିଟି ଆବେଦନ କରିଥିଲେ। ୨୮ ସେପ୍ଟେମ୍ବର ପରେ ଏହି ସୁବିଧା ପାଇଁ ଆଉ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେଣୁ ସମ୍ପୃକ୍ତ ପୂଜା କମିଟିଗୁଡ଼ିକ ନିର୍ଦ୍ଧାରିତ ଦିନ ଓ ସମୟ ମଧ୍ୟରେ ଏନ୍‌ଓସି ସମ୍ପର୍କିତ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବାକୁ ଅନୁରୋଧ କରାଯାଇଛି।



ସମ୍ପାଦକୀୟ
ପୃଷ୍ଠା-୪
ଓଡ଼ିଶାରେ ବଢ଼ୁଛି ମରୁଡ଼ି ଓ ବାତ୍ୟା
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No.: ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-11 • 23-29th September 2026 • Bhubaneswar
ୟୁକ୍ରେନ ଯୁଦ୍ଧରେ ସାଂଘାତିକ ଯୌନ ହିଂସା
ଘରେ ପଶି ଦୁଷ୍କର୍ମ କରୁଛନ୍ତି ଋଷ ସୈନ୍ୟ
ଅଭିଶପ୍ତ ଗାଁ : ଡଙ୍ଗାରେ ଝୁଲୁଛି ଭାଗ୍ୟ
"ପୂର୍ବରୁ ଓଡ଼ିଆ ପୁଅ କେହି ଦେଶର ଅଗ୍ରଣୀ ଶିଳ୍ପଯୋଗୀଙ୍କ ଆତିଥ୍ୟ ଗ୍ରହଣ କରି ପାରିନଥିଲେ।"
"ଏବେ ଦେଖ, ସାମନ୍ତ ପୁଅ ଆମର ଅମ୍ବାନୀ ପରିବାରର କେତେ ନିକଟରେ ରହି ଓଡ଼ିଶାର ସମ୍ମାନକୁ ବଢ଼ାଇଛନ୍ତି।"

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ନବରଙ୍ଗପୁର ଜିଲ୍ଲାରେ ବନ୍ୟାପରିସ୍ଥିତି ଅସମ୍ଭାଳ : ପ୍ରଶାସନର ପ୍ରସ୍ତୁତି ବ୍ୟବସ୍ଥା ସୁଦୃଢ଼

ନବରଙ୍ଗର,୨୫।୯
ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ପବନ ସମେତ ଘଡ଼ଘଡ଼ି ଓ ବିଜୁଳି ଚମକିବା ନେଇ ସତର୍କ ସୂଚନା ତଥା ରେଡ୍ ଆଲର୍ଟ ଜାରି କରିବା ପରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ରହିବା ସହ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।



ଜିଲ୍ଲା, ବ୍ଲକ୍ ଓ ସହରାଞ୍ଚଳ ସ୍ତରରେ ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲା ସର୍ବମୋଟ ହାରାହାରି ବର୍ଷାର ପରିମାଣ ୨୩୮.୧୩ ଶୁକ୍ରବାର ସୁଦ୍ଧା ରେକର୍ଡ କରାଯାଇଛି। ବିପଦପ୍ରବଣ ସ୍ଥାନ ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସ୍ଥାନୀୟ ବିଧାୟକ ଓ ଜିଲ୍ଲା ପ୍ରଶାସନ ବିଭିନ୍ନ ସେତୁ ପରିଦର୍ଶନ କରି ଜଳସ୍ତର ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ସେତୁ ଉପରେ ପାଣି ପ୍ରବାହିତ ହେଉନଥିବା ବେଳେ ପରିସ୍ଥିତି ଉପରେ ନଜର ରଖିଛି ପ୍ରଶାସନ। ସେହିଭଳି ତେନ୍ତୁଳିଖୁଣ୍ଟି–ନବରଙ୍ଗପୁର ରାସ୍ତାରେ ପଡ଼ିଥିବା ଗଛକୁ ଅଗ୍ନିଶମ ଦଳ ହଟାଇ ଯୋଗାଯୋଗ ସ୍ୱାଭାବିକ କରିଛି। କୁକୁଡ଼ାବାଇ ନୂଆପୁଜାରୀଗୁଡ଼ା ବିଦ୍ୟାଳୟ ନିକଟରୁ ବିପଦଜନକ ଗଛ ମଧ୍ୟ କଟାଯାଇଛି। ସେହିପରି ଦୋହଣା ଓ ଆଉଁଳିଗୁମା ପୋଲ ଉପରେ ୨ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ନିର୍ମାଣାଧୀନ ସେତୁ ନିକଟରେ ପୋଲିସ ମୁତୟନ କରାଯାଇଛି। ଏଥିସହ ଇନ୍ଦ୍ରାବତୀ ଡ୍ୟାମ୍ ଜଳସ୍ତର ବୃଦ୍ଧି ପାଉଥିବାରୁ ତିନି ଗେଟ୍ ମୁହାଣରୁ ଗୋଟିଏ ଗେଟ୍ ଖୋଲାଯିବା ଯୋଗୁଁ ତଳିଆଅଞ୍ଚଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଅଗ୍ନିଶମ ମୁତୟନ କରାଯାଇ ନନ୍ଦାହାଣ୍ଡି ବ୍ଲକ ବଡ଼/ସାନ ଡାଇଭଟ୍ଟା ଓ କୋଷାଗୁମୁଣ୍ଡା ବ୍ଲକ୍‌ର ବନ୍ୟା ହେବାରୁ ୧୦୦୦ ଲୋକଙ୍କୁ ଉଦ୍ଧାର କରି ବନ୍ୟା ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଉଛି। ନିରବଚ୍ଛିନ୍ନ ରଖିବା ଓ ସହରାଞ୍ଚଳର ଡ୍ରେନ୍ ଏବଂ ଜଳ ନିଷ୍କାସନ ପଥ ସଫେଇ ଭଳି ପଦକ୍ଷେପ ନିଆଯାଇଛି। ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବିପଦପ୍ରବଣସ୍ଥାନ ପରିଦର୍ଶନ କରି ତୀକ୍ଷ୍ଣ ନଜର ରଖିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଜିଲ୍ଲାରେ ବନ୍ୟା ଯୋଗୁଁ ଘର, ରାସ୍ତାଘାଟ ଚାଷଜମି ନଷ୍ଟ ହୋଇ କ୍ଷୟକ୍ଷତି ହେବା ଜଣାପଡିଛି।

# ବଖରାଏ କୋଠରିରେ ରାଜ୍ୟର ୭୦୨ଟି ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ହେଉଛି

ଭୁବନେଶ୍ୱର,୨୫।୯
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ୭୦୨ଟି ପ୍ରାଥମିକ ବିଦ୍ୟାଳୟର ରହିଛି ବଖରାଏ କରି ଶ୍ରେଣୀଗୃହ। ଏଠାରେ ପିଲାଏ ପାଠ ପଢୁଛନ୍ତି। ସେହିଭଳି ଏହିସବୁ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ବି ପାଠପଢ଼ା ଦାୟିତ୍ୱରେ ରହିଛନ୍ତି।



ରାଜ୍ୟରେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ଉପସ୍ଥିତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୨୬ହଜାର ୭୭୭ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ୧୫ହଜାର ୭୨୪ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪୯୧୮ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ୯୮୨ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ରାଜ୍ୟର ୭୦୨ଟି ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ଥିବାବେଳେ ୪୨ଟି ଉଚ୍ଚପ୍ରାଥମିକ, ୨ଟି ମାଧ୍ୟମିକ ଓ ୮୭ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ପାଠ ପଢ଼ାଉଛନ୍ତି। ସେହିଭଳି ୭୦୨ଟି ପ୍ରାଥମିକ ବିଦ୍ୟାଳୟର ବଖରାଏ କରି ଶ୍ରେଣୀଗୃହ ଥିବାବେଳେ ୩୭ଟି ଉଚ୍ଚ ମାଧ୍ୟମିକ ଓ ୭୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବି ବଖରାଏ ଘରେ ଚାଲିଛି।